READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୩ ସଂଖ୍ୟା-୩୦ ୧୨ - ୧୮ ଅଗଷ୍ଟ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-30 12th - 18th AUGUST, 2019 BHUBANESWAR ₹ 5/- (8 Pages)



### ୩୭୦ ଧାରା ଉଚ୍ଛେଦ ପରିପ୍ରେକ୍ଷୀରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ନୂଆ ଯୁଗର ଆରମ୍ଭ

**ନୂଆଦିଲ୍ଲୀ :** ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭରେ ଜମ୍ମୁ-କଶ୍ମୀର, ଲଦାଖ ଓ ଦେଶର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଜମ୍ମୁ-କଶ୍ମୀରରେ ନୂଆଯୁଗର ଆରମ୍ଭ ହୋଇଛି। ମୋଦୀ କହିଥିଲେ, ପୁରା ଦେଶ ଏକ ଐତିହାସିକ ନିଷ୍ପତି ନେଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବାବା ସାହେବ ଆମ୍ବେଦକର, ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଅଟଳଜୀଙ୍କ ସ୍ୱପ୍ନ ପୂରଣ ହେଲା। ଧାରା ୩୭୦ ଯୋଗୁ ଲଦାଖ ଓ ଜମ୍ମୁ-କଶ୍ମୀର ଲୋକଙ୍କର କ୍ଷତି ହେଉଥିଲା ଓ ପାକିସ୍ତାନ ସେମାନଙ୍କୁ କେବଳ ଏକ ଶସ୍ତ୍ରଭାବେ ବ୍ୟବହାର କରୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା କେବଳ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିଲା ଓ ଏଥିପାଇଁ ୪୨ ହଜାର ନିରୀହ ଲୋକଙ୍କ ଜୀବନ ଯାଇଥିବା ସେ କହିଛନ୍ତି। ଦେଶବାସୀଙ୍କୁ ଉଦବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଧାରା ୩୭୦ ଯୋଗୁଁ ଜମ୍ମୁ-କଶ୍ମୀରର ଛାତ୍ରଛାତ୍ରୀ ଶିକ୍ଷା ସହ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଥିଲେ ଏବଂ ଦଳିତଙ୍କୁ ଅତ୍ୟାଚାରରୁ ରୋକିବା ପାଇଁ ଦେଶର ଅନ୍ୟ ରାଜ୍ୟରେ ଶକ୍ତ ଆଇନ ଥିବା ବେଳେ ଜମ୍ମୁ-କଶ୍ମୀରରେ ଏପରି ଆଇନ ନ ଥିଲା। ଏଥି ଯୋଗୁ ଜମ୍ମୁ-କଶ୍ମୀରରେ ସର୍ବନିମ୍ନ ମଜୁରୀ ଲାଗୁ ହୋଇ ପାରି ନଥିଲା ଓ ଅନୁସୂଚିତ ଜାତି ଜନଜାତିଙ୍କୁ ସଂରକ୍ଷଣ ମଧ୍ୟ ମିଳୁ ନ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନ୍ୟ ରାଜ୍ୟରେ ପୁଲିସ ଓ ସରକାରୀ କର୍ମଚାରୀଙ୍କୁ ସୁବିଧା ମିଳୁ ଥିବା ବେଳେ ଜମ୍ମୁ-କଶ୍ମୀରରେ ସେ ବ୍ୟବସ୍ଥା ନ ଥିଲା କିନ୍ତୁ ବହୁ ଶୀଘ୍ର ଏହି ସୁବିଧା ଜମ୍ମୁ-କଶ୍ମୀର ପୁଲିସ ଓ ଅନ୍ୟ ସରକାରୀ କର୍ମଚାରୀଙ୍କୁ ମିଳିବ। ମୋଦୀ କହିଥିଲେ, ସେଠାକାର ଯୁବକଙ୍କୁ ରୋଜଗାର ଦେବା ପାଇଁ ଅନେକ ଯୋଜନା ଆରମ୍ଭ କରାଯିବ। ସରାକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ଯେଭଳି ରୋଜଗାର ସୃଷ୍ଟି କରିବେ ସେଥିପାଇଁ ଉଦ୍ୟମ କରାଯିବ। ସେନା ଓ ଅର୍ଦ୍ଧ ସାମିରିକ ବଳରେ ସ୍ଥାନୀୟ ଯୁବକଙ୍କୁ ଭର୍ତ୍ତି କରାଯିବା ପାଇଁ ରାଲି କରାଯିବ ଓ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ଛାତ୍ରବୃତ୍ତି ଦିଆଯିବ। ସେ କହିଛନ୍ତି ଯେ ଧାରା ୩୭୦ ହଟିବା ପରେ କିଛି ସମୟ ପାଇଁ ସମ୍ପୃକ୍ତ ଅଞ୍ଚଳକୁ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ରଖାଯାଇଛି। ରାଜ୍ୟପାଳ ଶାସନ ପରେ ସୁଶାସନ ଆସିଛି। ନୂଆ ଯୋଜନା ଲାଗୁ କରାଯାଇଛି। ଜମ୍ମୁ-କଶ୍ମୀର ପ୍ରଶାସନରେ ନୂତନତ୍ୱ ଆଣିବା ପାଇଁ ମଧ୍ୟ ପ୍ରୟାସ କରାଯାଇଥିବା ସେ କହିଛନ୍ତି। ଭାରତରେ ଗଣତନ୍ତ୍ର ଓ ଲୋକତନ୍ତ୍ର ବେଶ୍ ଶକ୍ତିଶାଳୀ, ମାତ୍ର ଜମ୍ମୁ-କଶ୍ମୀରରେ ଏପରି ଲୋକ ରହିଛନ୍ତି ଯେଉଁମାନେ ଲୋକସଭାରେ ମତଦାନ କରନ୍ତି, ମାତ୍ର ସ୍ଥାନୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ମତଦାନ କରିପାରନ୍ତି ନାହିଁ, ତେବେ ସେମାନଙ୍କ ପ୍ରତି ଏପରି ଅନ୍ୟାୟ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ➤ ପୃ-୬

### ବିଜୁବାବୁଙ୍କୁ ଭାରତରତ୍ନ ପ୍ରସଙ୍ଗ

# ଦାବି ଉଠାନ୍ତୁ ରାଜ୍ୟବାସୀ



**ଭୁବନେଶ୍ୱର,(ତାରକ ମହାନ୍ତି):** ପୁଣିଥରେ ଲୋକସଭାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦେବା ଦାବି ଉଠିଛି। ଜାମ୍ମୁ-କାଶ୍ମୀରରୁ ଧାରା-୩୭୦ ଉଚ୍ଛେଦ ପ୍ରସଙ୍ଗରେ ସରଗରମ ଆଲୋଚନା ଚାଲିଥିବା ବେଳେ ପୁରୀ ଲୋକସଭା ସାଂସଦ ପିନାକୀ ମିଶ୍ର ଏହି ପ୍ରସଙ୍ଗ ଉଠାଇ କାଶ୍ମୀର ଉପରେ ପାକିସ୍ତାନ ଆକ୍ରମଣ ସମୟରେ ବିଜୁବାବୁଙ୍କୁ ବୀରତ୍ୱର ପ୍ରମାଣକୁ ସେ ଉପସ୍ଥାପିତ କରି ନିଜ ବିବୃତିରେ କହିଥିଲେ ଯେ, କାଶ୍ମୀର ଉପରେ ପାକିସ୍ତାନ ଆକ୍ରମଣ ଜାରି ରହିଥିବା ବେଳେ ସେଠାରେ ରାଜ ହରି ସିଂହ ଭାରତ ସହିତ ମିଶିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ପାକ୍ ସେନା ଜାମ୍ମୁ-କାଶ୍ମୀରରେ ହତ୍ୟା, ଲୁଟ୍‌ତରାଜ ଓ ଗୃହଦାହ ଚଳାଇ ଥିବାରୁ ସେଠାରେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। ସ୍ଥିତି ଅଧିକ ବିଗିଡିବାକୁ ଲାଗିଥିବା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ ବିଜୁ ପଟ୍ଟନାୟକଙ୍କ ସହଯୋଗ ଲୋଡିଥିଲେ। ସେହି ସମୟରେ ବିଜୁବାବୁ ଭାରତୀୟ ବାୟୁସେନାର ଜଣେ ଦକ୍ଷ ପାଇଲଟ ଭାବେ କାର୍ଯ୍ୟ କରୁଥିଲେ। ୧୯୪୭ ମସିହା ଅକ୍ଟୋବର ୨୭ ତାରିଖରେ ନେହରୁଙ୍କ ବାରଣ ସତ୍ତ୍ୱେ ବିଜୁବାବୁ ସାହସିକତାର ପରିଚୟ ଦେଇ ଶିଖ୍ ରେଜିମେଣ୍ଟର ୧୭ଜଣ ସୈନ୍ୟଙ୍କୁ ସାଙ୍ଗରେ ନେଇ ଶ୍ରୀନଗର ବିମାନବନ୍ଦରରେ ➤ ପୃ-୬

# ଆଉ ୫ ବର୍ଷ 'କାଳିଆ'

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**ଭୁବନେଶ୍ୱର:** ପୁରୁଣା କୃଷିନୀତିର ୬ ବର୍ଷ ପରେ ରାଜ୍ୟ ସରକାର ଖୁବଶୀଘ୍ର ନୂତନ କୃଷିନୀତି ଆଣିବାକୁ ଯାଉଛନ୍ତି। ଏହାପୂର୍ବରୁ କୃଷିନୀତି-୨୦୧୯ର ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ଯେଉଁଥିରେ ଚାଷୀଙ୍କ ବିକାଶକୁ ଦୃଷ୍ଟିରେ ରଖି ବିସ୍ତୃତ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିରେ କାଳିଆ ଯୋଜନା ଓ ମହିଳାଚାଷୀଙ୍କ ବିକାଶକୁ ଫୋକସ୍‌ରେ ରଖାଯାଇଛି। ଚାଷୀଙ୍କ କ୍ରମାଗତ ଆୟ ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସାମଗ୍ରୀକ ବିକାଶକୁ ସରକାର ଗୁରୁତ୍ୱ ଦେଇଛନ୍ତି। କାଳିଆ ଯୋଜନାର ଅବଧି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ମଧ୍ୟ ଏହି ନୂଆ କୃଷିନୀତି ଚିଠାରେ ପ୍ରସ୍ତାବ ରହିଛି। କାଳିଆ ଯୋଜନାରେ ସଫଳତା ପାଇଥିବା ଚାଷୀଙ୍କୁ ପୁରସ୍କୃତ କରାଯିବ। ମହିଳା ଚାଷୀ ଓ ଜଳସେଚନ ଉପରେ ଗୁରୁତ୍ୱ ଦିଆଯାଇଛି। ୧୭ଟି ଜିଲ୍ଲାରେ ଚାଷୀଙ୍କ ଆୟ କମ୍ ଥିବା ନେଇ ଏହି ଚିଠାରେ ଉଲ୍ଲେଖ କରାଯାଇଛି। ୨୦୦୮, ୨୦୧୩ ପରେ ଏବେ ରାଜ୍ୟ ସରକାର ନୂଆ କୃଷିନୀତି-୨୦୧୯ ଆଣିବାକୁ ଯାଉଛନ୍ତି। ଏହାପୂର୍ବରୁ କୃଷିବିଭାଗ ପକ୍ଷରୁ ଏକ ଚିଠା ପ୍ରସ୍ତୁତ କରାଯାଇଛି; ଯେଉଁଥିରେ ଉଭୟ କାଳିଆ ଯୋଜନା ଓ ଚାଷୀଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ସରକାର କାଳିଆ ସହାୟତା ନେଇଥିବା ଚାଷୀଙ୍କ ସମ୍ପର୍କରେ ଅନୁଧ୍ୟାନ କରିବେ। ଏହାଦ୍ୱାରା ଚାଷୀ ଲାଭବାନ ହୋଇଛନ୍ତି କି ନାହିଁ, ଚାଷୀଙ୍କ ଜୀବିକା ଅର୍ଜନରେ ସଫଳତା ମିଳିଛି କି ନାହିଁ ତାହାର ଅନୁଧ୍ୟାନ କରାଯିବ। ଯେଉଁ ଚାଷୀ କାଳିଆ ➤ ପୃ-୬

### ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ମିଳୁନି ସମର୍ଥନ

# ପାକିସ୍ତାନ ହତାଶ



**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ ବିଚଳିତ ହୋଇପଡିଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତ ବିରୋଧରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ଆକାଶ ମାର୍ଗ, ସ୍ଥଳପଥ, ବ୍ୟବସାୟିକ ସମ୍ପର୍କ ଓ ସାଂସ୍କୃତିକ ଭାବ ବିନିମୟ ବନ୍ଦ କରିବା ସହିତ ତାଙ୍କ ଦେଶରୁ ଭାରତର ରାଷ୍ଟ୍ରଦୂତଙ୍କୁ ଫେରାଇ ଦେଇଛି। ବିଶ୍ୱ ସମୁଦାୟ ଆଗରେ ମିଥ୍ୟା ଆରୋପ ଲଗାଇ ଜମ୍ମୁ-କଶ୍ମୀରକୁ ଏକ ବିବାଦୀୟ ଅଞ୍ଚଳ ଭାବେ ଉପସ୍ଥାପିତ କରିବା ନେଇ ଯେତେସବୁ ଚାଲ ଚଳାଇଥିଲା ସବୁ ଫେଲ୍ ମାରିଛି। ଏ ପ୍ରସଙ୍ଗରେ ଜାତିସଂଘର ସହାୟତା ପାଇଁ ପାକ୍ ପ୍ରଧାନମନ୍ତ୍ରୀ ଯେଉଁ ଆବେଦନ କରିଥିଲେ ତାହାକୁ ଜାତିସଂଘ ଅଗ୍ରାହ୍ୟ କରିଦେଇଛି। ଏଥିପୂର୍ବରୁ ଆମେରିକା ପାକିସ୍ତାନକୁ ଏହି ପ୍ରସଙ୍ଗରେ ଖୋଲାଖୋଲି କୌଣସି ସମର୍ଥନ ଜଣାଇନଥିଲା ବେଳେ ପାକିସ୍ତାନର ପରମ ବନ୍ଧୁ ➤ ପୃ-୬

### ବକ୍ରବାଣୀ



ତଦନ୍ତ ହଉଚି ସବୁ କଥାରେ
କରଜ ବଢୁଛି ଆମ ମଥାରେ
ଚାବି ଖୋଜିବାକୁ ବାଇଶ ଲକ୍ଷ
ତଥାପି ବୋଲାଉ ନିଜକୁ ଦକ୍ଷ
ବାଇଶ ଟଙ୍କାରେ କାମ ସାରିବା
ଆରି ପାତଟିଏ କିଣି ଆଣିବା
ସେଥିରେ କାଟିବା ଭଣ୍ଡାର ତାଲା
ଚାବି ଖୋଜିବାରେ କିଆଁ ଯେ ପାଲା
କାଳିଆ ବଇଚି ମଉନ ହେଇ
ଭଣ୍ଡାର ଚାବିଟା ଲୁଚେଇ ଦେଇ।

——— ଟୁଟୁ



# ଦେଶ ଝୁରୁଛି

ଆଉ ଶୁଭିବନି
ଅଗ୍ନିବର୍ଷୀ ଭାଷଣ

**ନୂଆଦିଲ୍ଲୀ:** ଭାରତର ସୁକନ୍ୟା, ମାନବିକତାର ପୂଜାରିଣୀ, ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ଲୋକପ୍ରିୟ ନେତ୍ରୀ ସୁଷମା ସ୍ୱରାଜ ପଞ୍ଚଭୂତରେ ବିଲୀନ ହୋଇଯାଇଛନ୍ତି । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦେଶର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାଣୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସୁଷମାଙ୍କୁ ଶେଷ ବିଦାୟ ଜଣାଇଥିଲେ। ପରଲୋକର କିଛିଘଣ୍ଟା ପୂର୍ବରୁ ସୁଷମା ଜାମ୍ମୁ-କାଶ୍ମୀର ସ୍ୱତନ୍ତ୍ର ପାହ୍ୟାର ପରିସମାପ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇ ଟ୍ୱିଟ୍ କରି ଲେଖିଥିଲେ ଯେ, 'ଏହି ଦିନକୁ ଦେଖିବା ପାଇଁ ମୁଁ ଅପେକ୍ଷା କରି ରହିଥିଲି'।

ସୁଷମାଙ୍କ ଅଚାନକ ବିୟୋଗ ପରେ ତାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀ ଏମ୍‌ସରୁ ଜନପଥ ସ୍ଥିତ ତାଙ୍କ ବାସଭବନ 'ଧୱନ ଦୀପ୍'କୁ ଅଣାଯାଇଥିଲା। ସେଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ମଧ୍ୟ ସୁଷମାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୟୁପିଏ ଅଧକ୍ଷା ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ବିଏସ୍‌ପି ସୁପ୍ରିମୋ ମାୟାବତୀ ଏବଂ ବିଜେପି ଶାସିତ ➤ ପୃ-୬

### ୨୦୨୨ ସୁଦ୍ଧା ଡାଇରିଆ ଜନିତ ମୃତ୍ୟୁ ହ୍ରାସ ଲାଗି ସରକାର ସଂକଳ୍ପବଦ୍ଧ




**ନୂଆଦିଲ୍ଲୀ:** ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଦେଶର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ପ୍ରତ୍ୟେକ ଶିଶୁଙ୍କୁ ରୋଟା ଭାଇରସ ଟିକା ଯୋଗାଇ ଦିଆଯିବ। ନବ ନିର୍ବାଚିତ ସରକାରଙ୍କ ପ୍ରଥମ ୧୦୦ ଦିନର ଏଜେଣ୍ଡାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ମହତ୍ୱକାଂକ୍ଷୀ ଯୋଜନା କରାଯାଇଛି। ସାରା ଦେଶରେ ରୋଟା ଭାଇରାସ ଟିକା କରଣ ସମ୍ପ୍ରସାରଣ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଘୋଷଣା କରିଛନ୍ତି। ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ୨୦୨୨ ସୁଦ୍ଧା ଡାଇରିଆ କାରଣରୁ ଶିଶୁ ରୁଗଣ ହେବା ଏବଂ ମୃତ୍ୟୁବରଣ କରିବା ହାର କମାଇବା ଲାଗି ➤ ପୃ-୬

### ନେତାଙ୍କ ଆନ୍ତରିକତାର ଅଭାବ

# ଯୋଜନାରେ ଅଟକି ରହିଛି ପାଣି ଡଙ୍ଗର ପ୍ରକଳ୍ପ

**ରାୟଗଡା,(ଅମୂଲ୍ୟ ନିଶଙ୍କ):** ରାୟଗଡା ଜିଲ୍ଲାରେ ପ୍ରବାହିତ ବଂଶଧାରା ନଦୀ ଜଳକୁ ଲୋକଙ୍କ ହୀତରେ ବ୍ୟବହାର କରାଯାଇ ପାରୁନି। ବିଭିନ୍ନ ସମୟରେ ରାଜ୍ୟ ସରକାର ବଂଶଧାରା ଜଳ ବ୍ୟବହାର ପାଇଁ ଯୋଜନା କରୁଥିଲେ ମଧ୍ୟ ଏହା ପ୍ରସାବରେ ହିଁ ଅଟକି ଯାଉଛି। ବଂଶଧାରା ଜଳକୁ ବ୍ୟବହାର ପାଇଁ ୫୦ ବର୍ଷ ହେଲା ପ୍ରସ୍ତାବିତ ପାଣିଡଙ୍ଗର ପ୍ରକଳ୍ପକୁ କାର୍ଯ୍ୟକାରୀ କରାନଯିବା ରାଜ୍ୟ ସରକାରଙ୍କ ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆନ୍ଧ୍ର ସରକାରଙ୍କ ସହ ଚୁକ୍ତି ଅନୁଯାୟୀ ଓଡିଶା ସରକାର ୧୯୬୧ ମସିହାରେ ଗୁଣପୁର ଉପଖଣ୍ଡ ପାଣିଡଙ୍ଗର ନିକଟରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ । ହେଲେ ଏହା ପ୍ରସ୍ତାବରେ ରହିଗଲା । ସେହିପରି ୨୦୦୫ ମସିହାରେ ବଂଶଧାରା ନଦୀ ସହ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ ସଂଯୋଗୀକରଣ ପାଇଁ ହୋଇଥିବା ଯୋଜନା ଇଞ୍ଚେ ମଧ ଆଗେଇ ପାରିନାହିଁ। ଜିଲ୍ଲାବାସୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଜିଲ୍ଲାର



ରାଜନେତାମାନେ ମୁଣ୍ଡ ପୁରାଉ ନଥିବା ବେଳେ ପୋଲାଭରମ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ବଂଶଧାରା ନଦୀର ଉପରମୁଣ୍ଡ ଗୁଡାରି ଠାରୁ ଅଳ୍ପଦୂରରେ ପାଣିଡଙ୍ଗର ଯୋଜନା କାର୍ଯ୍ୟକାରୀ ହେଲେ ଏଥିରେ ବହୁ ଚାଷୀ ଉପକୃତ ହେବେ ଓ ବଂଶଧାରାରେ ବନ୍ୟା ନିୟନ୍ତ୍ରଣତା ହେବ ବୋଲି ତତ୍‌କାଳୀନ ଓଡିଶାର ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ବରିଷ୍ଠନେତା ଡକ୍ଟର ଗିରିଧାରୀ ଗମାଙ୍ଗ ରାୟଗଡା ଓଭର ବ୍ରିଜ ଉଦ୍‌ଘାଟନ ସମୟରେ କହିଥିଲେ, ମାତ୍ର କାର୍ଯ୍ୟ ଶୂନରେ ହିଁ ଅଟକି ଗଲା। ନିର୍ବାଚନ ଆସିଲେ ବିଧାୟକ ପ୍ରାର୍ଥୀ ମାନଙ୍କର ପାଣି ଡଙ୍ଗର ଯୋଜନା ମନେ ପଡେ। ଏହି ସମୟରେ ଭୋଟରଙ୍କୁ ପ୍ରତିଶ୍ରୁତି ଦିଅନ୍ତି, ଏହା କେବଳ ପ୍ରତିଶ୍ରୁତିରେ ହିଁ ଅଟକି ଯାଉଛି । ୧୯୯୦ରେ ଜନତା ଦଳ ପ୍ରାର୍ଥୀ ରାମମୂର୍ତ୍ତି ଗମାଙ୍ଗ, ପାଣି ଡଙ୍ଗର ଯୋଜନାର ପ୍ରତିଶ୍ରୁତି ଦେଇବିଜୟୀ ହୋଇଥିଲେ । ପରମୂହୁର୍ତ୍ତରେ ଏହା ଭୁଲିଗଲେ ପରବର୍ତ୍ତୀ ସମୟରେ ହେମା ଗମାଙ୍ଗ ବିଧାୟକ ଲୋକସଭା ସଦସ୍ୟ ହେଇ ପ୍ରତିଶ୍ରୁତି ଦେଇଥିଲେ । ୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ରାମମୂର୍ତ୍ତି ମୁଟିକା ଏହି ବଂଶଧାରା ବିଷୟ ଓ ନେରେଡି ଯୋଜନା ବନ୍ଦ ପାଇଁ ଦହୋରାଇ ଥିଲେ ପରେ ଦଳ ଆଭ୍ୟନ୍ତରିଣ ଗୋଷ୍ଠୀ କନ୍ଦଳରେ ପଶି ସବୁ ପ୍ରତିଶ୍ରୁତି ଭୁଲିଗଲେ । ୨୦୧୪ ସାଧାରଣ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ତ୍ରୀନାଥ ଗମାଙ୍ଗ ଓ ଲୋକସଭା ପ୍ରାର୍ଥୀ ଝିନ ହିକକା ପ୍ରତ୍ୟକ ସଭା ସମିତିରେ କହିଥିଲେ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ବୃଷ** – ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ଜମିଜମା ବିବାଦର ସମାଧାନ ହେବ।

**ମିଥୁନ** – ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ।

**କର୍କଟ** – ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ।

**ସିଂହ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**କନ୍ୟା** – କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇପବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ।

**ତୁଳା** – ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛି ମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟରେ ଅଧିକ ଲାଭ ହେବ।


**ବିଛା** – ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବ୍ୟବସାୟରେ ସଫଳତା ପାଇବେ।

**ଧନୁ** – ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଚାକରି କ୍ଷେତ୍ରର ଲାଗିଥିବା ବିବାଦ ସମାଧାନ ହେବ। କଳାକାରମାନେ ଯଶ ଅର୍ଜନ କରିବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର** – ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘଦିନରୁ ଲାଗି ରହିଥିବା ବିବାଦ ଦୂରହେବ। ସମସ୍ୟାର ସମାଧାନ ଘଟିବ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଜମିଜମା ବିବାଦ ଲାଗିରହିବ।

**କୁମ୍ଭ** – ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମୀନ** – ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ୩ ରତ୍ନଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ



**ନୂଆଦିଲ୍ଲୀ:** ଦେଶର ତ୍ରୟୋଦଶ ରାଷ୍ଟ୍ରପତି ତଥା ବରିଷ୍ଠ ରାଜନେତା ପ୍ରଣବ ମୁଖାର୍ଜୀ, ଦିବଂଗତ ପ୍ରସିଦ୍ଧ ସଙ୍ଗୀତଜ୍ଞ ଡ. ଭୂପେନ ହଜାରିକା ଏବଂ ସାମାଜିକ କର୍ମୀ ନାନାଜୀ ଦେଶମୁଖଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଡକ୍ଟର ହଜାରିକା ଓ ନାନାଜୀଙ୍କୁ ମରଣୋତ୍ତର ଭାରତ ରତ୍ନରେ ସମ୍ମାନିତ କରାଯାଇଛି। ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଗତ ଜାନୁଆରୀ ୨୫ ତାରିଖରେ ରାଷ୍ଟ୍ରପତି ଭବନ ପକ୍ଷରୁ ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ସମ୍ମାନରେ ପ୍ରଣବ ମୁଖାର୍ଜୀଙ୍କୁ ସମ୍ମାନିତ କରିବା ନେଇ ଏଥିରେ ଘୋଷଣା କରାଯାଇଥିଲା। ସେହିପରି ଡ. ହାଜାରିକା ଓ ନାନାଜୀଙ୍କ ପରିବାର ଲୋକ ଏହି ସମ୍ମାନ ଗ୍ରହଣ କରିବେ ବୋଲି ଏଥିରେ କୁହାଯାଇଥିଲା। ଶ୍ରୀ ମୁଖାର୍ଜୀ ୨୦୧୨ରୁ ୨୦୧୭ ଯାଏ ଦେଶର ୧୩ତମ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ଜଣେ ବରିଷ୍ଠ କଂଗ୍ରେସ ନେତା ହିସାବରେ ସେ ୟୁପିଏ ସରକାରଙ୍କ ଅମଳରେ ଏକାଧିକ ମନ୍ତ୍ରିପରିଷଦରେ ରହିଥିଲେ। ୟୁପିଏ ୨ ସରକାର ଅମଳରେ ଶ୍ରୀ ମୁଖାର୍ଜୀ ଅର୍ଥମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ଏହି ଦାୟିତ୍ୱରେ ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଆସାମର ମୂଳ ନିବାସୀ ଡକ୍ଟର ହଜାରିକା ଜଣେ ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଦେଶ ବିଦେଶରେ ବିଶେଷ ଖ୍ୟାତି ଓ କୃତିତ୍ୱ ଅର୍ଜନ କରିଥିଲେ। ସ୍ୱାଧୀନତା ପରେ ସଂଗୀତ କ୍ଷେତ୍ରରେ ସଂଘର୍ଷ କରୁଥିବା ଆଶାୟୀମାନଙ୍କୁ ଡକ୍ଟର ହଜାରିକା ନୂଆ ପରିଚୟ ଦେଇଥିଲେ। ସେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି। ସେହିପରି ତାଙ୍କୁ ୧୯୭୭ରେ ପଦ୍ମଶ୍ରୀ ଓ ୨୦୦୧ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବାରେ ବିଶେଷ ଉଲ୍ଲେଖନୀୟ ଅବଦାନ ପାଇଁ ନାନାଜୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ନାନାଜୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରାମାଞ୍ଚଳରେ ଆତ୍ମନିର୍ଭରଶୀଳ ସୃଷ୍ଟ ପରି କାର୍ଯ୍ୟରେ ସାରାଜୀବନ କାର୍ଯ୍ୟ କରିଥିଲେ। ସେ ଭାରତୀୟ ଜନସଂଘର ସଦସ୍ୟ ରହିଥିଲେ। ସେହିପରି ରାଜ୍ୟସଭା ସାଂସଦ ଭାବେ ମଧ୍ୟ ନାନାଜୀ କାର୍ଯ୍ୟ କରିଛନ୍ତି। ତାଙ୍କୁ ୧୯୯୯ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାରତ ରତ୍ନ ପାଇଥିବା ୩ଜଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଥିଲେ। ସେ ପ୍ରଣବଙ୍କ ପ୍ରଶଂସାରେ କହିଥିଲେ, ପ୍ରଣବ ଦା' ଆମ ସମୟର ଜଣେ ସ୍ପଷ୍ଟବାଦୀ ନେତା। ଦଶନ୍ଧି ଦଶନ୍ଧି ଧରି ସେ ନିଃସ୍ୱାର୍ଥପର ଭାବେ ରାଷ୍ଟ୍ରସେବା କରି ଆସିଛନ୍ତି। ତାଙ୍କ ଜ୍ଞାନ ଏବଂ ବୁଦ୍ଧିର ତୁଳନା ନାହିଁ। ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉଥିବା ଜାଣି ଆନନ୍ଦିତ।

## ଦିଲ୍ଲୀବାସୀଙ୍କୁ ପାଣି, ବିଜୁଳି ପରେ ମାଗଣା ଇଣ୍ଟରନେଟ୍

**ନୂଆଦିଲ୍ଲୀ:** ଆମ ଆଦମୀ ପାର୍ଟି (ଆପ)ର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବେ ନିର୍ବାଚନୀ ମୋଡରେ ଅଛନ୍ତି। ନିର୍ବାଚନ ପୂର୍ବରୁ ସେ ଦିଲ୍ଲୀବାସୀଙ୍କୁ ଗୋଟିଏ ପରେ ଗୋଟିଏ ଉପହାର ଦେଇ ଚାଲିଛନ୍ତି। ପାଣି, ବିଦ୍ୟୁତ୍ ଦେବା ପରେ ଏବେ ଦିଲ୍ଲୀବାସୀଙ୍କୁ ମାଗଣା ଇଣ୍ଟରନେଟ୍ ସେବା ପ୍ରଦାନ କରାଯିବ ବୋଲି ଅରବିନ୍ଦ କେଜରିୱାଲ ଘୋଷଣା କରିଛନ୍ତି। ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀବାସୀଙ୍କୁ ମାଗଣା ଇଣ୍ଟରନେଟ୍ ସେବା ପ୍ରଦାନ ପାଇଁ ଆପ୍ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନକୁ ଆଉ ମାତ୍ର କେଇଟା ଦିନ ବାକିଥିବା ବେଳେ କେଜରିୱାଲଙ୍କୁ ନିଜ ପ୍ରତିଶ୍ରୁତି କଥା ମନେ ପଡିଛି। ଏହି କ୍ରମରେ ସେ ଘୋଷଣା କରିଛନ୍ତି ଯେ, ଦିଲ୍ଲୀରେ ୧୧ ହଜାର ହଟସ୍‌ପଟ ଲଗାଯିବ। ଏହାଯୋଗେ ପ୍ରତ୍ୟେକ ଦିଲ୍ଲୀବାସୀ ୧୫ଜିବି ଲେଖାଏଁ ଡାଟା ବ୍ୟବହାର କରିପାରିବେ ଓ ଏହି ସୁବିଧା ସମ୍ପୂର୍ଣ୍ଣ ମାଗଣା ରହିବ। ଦିଲ୍ଲୀରେ ମାଗଣା ୱାଇଫାଇ ସେବା ପ୍ରଦାନ କରିବା ପାଇଁ କାମ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଲୋକଙ୍କୁ ୧୫ ଜିବି ପର୍ଯ୍ୟନ୍ତ ମାଗଣା ଡାଟା ସୁବିଧା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହା ପୂର୍ବରୁ କେଜରିୱାଲ ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣା ଦେବାକୁ ଘୋଷଣା କରିଥିଲେ। ଦିଲ୍ଲୀରେ ଆପ ସରକାର ଗଠନ ପରଠାରୁ ଲୋକଙ୍କୁ ୨୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ମାଗଣାରେ ପ୍ରଦାନ କରାଯାଉଛି। ମାଗଣା ଇଣ୍ଟରନେଟ୍ ସେବା ପ୍ରଅଦାନ ଯୋଜନା ଅନୁସାରେ ଦିଲ୍ଲୀର ୭୦ ବିଧାନସଭା ଅଞ୍ଚଳରେ ପାଖାପାଖି ୧୦୦ଟି ଲେଖାଏଁ ହଟସ୍‌ପଟ ଲଗାଯିବ। ଏଥିପାଇଁ ସାର୍ବଜନୀନ ସ୍ଥାନରେ ରାଉଟର୍ସ ଲଗାଯିବ। ଏହି ସବୁ ହଟସ୍‌ପଟ ଏବଂ ରାଉଟର୍ସ କଲୋନୀ, ପାର୍କ, ମାର୍କେଟ ବିଲ୍ଡିଂ, ବସ୍ ଷ୍ଟେସନ ଆଦି ସ୍ଥାନରେ ଲଗାଯିବ। ହଟସ୍‌ପଟ ଏବଂ ରାଉଟର୍ସ ନିକଟରୁ ୫୦ ମିଟର ପର୍ଯ୍ୟନ୍ତ ଲୋକେ ୱାଇଫାଇ ସୁବିଧା ନେଇପାରିବେ। ଏଥିପାଇଁ ଦିଲ୍ଲୀ ଅର୍ଥ ବ୍ୟୟ କମିଟି ୯୯ କୋଟି ଟଙ୍କା ବ୍ୟୟବରାଦକୁ ମଞ୍ଜୁରୀ ଦେଇଛି। ୱାଇଫାଇ ଏବଂ ହଟସ୍‌ପଟ ଲଗାଇବା ଦାୟିତ୍ୱ ଲୋକ ନିର୍ମାଣ ବିଭାଗକୁ ଦିଆଯାଇଛି। ସୂଚନାଥାଉ କି, ୨୦୧୫ ବିଧାନସଭା ନିର୍ବାଚନ ବେଳେ ଆପ ଦିଲ୍ଲୀବାସୀଙ୍କୁ ମାଗଣା ଇଣ୍ଟରନେଟ୍ ସେବା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



## 'ଅନ୍ଧାଧୁନ୍' ଶ୍ରେଷ୍ଠ ଚଳଚ୍ଚିତ୍ର

ନୂଆଦିଲ୍ଲୀ: ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ଫିଚର ଫିଲ୍ମ ବର୍ଗରେ ଅଧ୍ୟକ୍ଷ ରାହୁଲ ରାୱେଲ, ଅଣ ଫିଚର ଫିଲ୍ମ ବର୍ଗରେ ଅଧ୍ୟକ୍ଷ ଏଏସ କନଲ, ଚଳଚ୍ଚିତ୍ର ରଚନା ବର୍ଗରେ ଅଧ୍ୟକ୍ଷ ଉତ୍ପଳ ବୋରପୂଜାରୀ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିଥିଲେ। ଏଥିପୂର୍ବରୁ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଅଧ୍ୟକ୍ଷଗଣ ଏବଂ ଅନ୍ୟ ବିଚାରକମଣ୍ଡଳୀ ସଦସ୍ୟମାନେ ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ରିପୋର୍ଟ ପ୍ରଦାନ କରିଥିଲେ। ଗୁଜରାଟୀ ଚଳଚ୍ଚିତ୍ର 'ହେଲାରୋ'କୁ ଶ୍ରେଷ୍ଠ ଫିଚର ଚଳଚ୍ଚିତ୍ର ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି। ସେହିପରି ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ'କୁ ସାମଗ୍ରୀକ ମନୋରଞ୍ଜନଧର୍ମୀ ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ହିନ୍ଦୀ ଚଳଚ୍ଚିତ୍ର 'ପ୍ୟାଡମ୍ୟାନ' ସାମାଜିକ ପ୍ରସଙ୍ଗ ଉପରେ ନିର୍ମିତ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇବା ଲାଗି ହକଦାର ହୋଇଛି। ଅନ୍ୟପକ୍ଷରେ କନ୍ନଡ଼ ଚଳଚ୍ଚିତ୍ର 'ଓଣ୍ଡାଲା ଏରାଡାଲ୍ଲା'କୁ ଜାତୀୟ ଏକତା ଉପରେ ନିର୍ମିତ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ନର୍ଗିସ ଦତ ପୁରସ୍କାର ପ୍ରଦାନ କରାଯିବା ଲାଗି ଘୋଷଣା କରାଯାଇଛି। 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଆଦିତ୍ୟ ଧର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଜାତୀୟ ପୁରସ୍କାର ଲାଗି ମନୋନିତ ହୋଇଛନ୍ତି। ଏଥର ଦୁଇ ଜଣଙ୍କୁ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯିବ। ଏହି ଦୁଇ ଅଭିନେତା ହେଲେ 'ଅନ୍ଧାଧୁନ' ଚଳଚ୍ଚିତ୍ର ପାଇଁ ଆୟୁଷ୍ମାନ ଖୁରାନ୍ନା ଏବଂ 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ' ପାଇଁ ଭିକି କୌଶାଲ। ଅପରପକ୍ଷରେ ତେଲଗୁ ଚଳଚ୍ଚିତ୍ର 'ମହାନତି' ପାଇଁ କୀର୍ତି ସୁରେଶ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇବେ। ମରାଠି ଚଳଚ୍ଚିତ୍ର 'ନାଲ'କୁ ନିର୍ଦ୍ଦେଶକଙ୍କ ଶ୍ରେଷ୍ଠ ପଦାର୍ପଣ ଚଳଚ୍ଚିତ୍ର ଭାବେ ଇନ୍ଦିରା ଗାନ୍ଧୀ ପୁରସ୍କାର ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ଅନୁରୂପ ଭାବେ ପରିବେଶ ସଂରକ୍ଷଣ କ୍ଷେତ୍ରରେ ମରାଠୀ ଚଳଚ୍ଚିତ୍ର 'ପାନି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ।

## କେରଳର ୯୮ ଜଣ ଆଇଏସ୍‌ରେ ସାମିଲ

**ନୂଆଦିଲ୍ଲୀ:** ଭାରତର ଗୁପ୍ତଚର ସଂସ୍ଥା ତଥ୍ୟ ଅନୁସାରେ କେରଳରୁ ୯୮ ମହିଳା, ପୁରୁଷ ଓ ନାବାଳକ କୁଖ୍ୟାତ ଆତଙ୍କୀ ସଂଗଠନ ଇସ୍‌ଲାମିକ୍ ଷ୍ଟେଟ୍‌ରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜୁନ୍ ସୁଦ୍ଧା ୩୮ ଜଣ ପ୍ରାଣ ହରାଇଛନ୍ତି। ମାତ୍ର ୧୫ ଦିନ ପୂର୍ବେ କେରଳର ଜଣେ ଯୁବକ ଆଇଏସ୍ ତରଫରୁ ଆଫଗାନିସ୍ତାନରେ ଲଢ଼ି ପ୍ରାଣ ହରାଇଛି। ମୃତକଙ୍କ ନାମ ସୈଫୁଦ୍ଦିନ୍ ବୋଲି କୁହାଯାଉଛି। ସେ ଆମେରିକା-ଆଫଗାନିସ୍ତାନର ଏକ ଅପରେସନ୍‌ରେ ମୃତ୍ୟୁବରଣ କରିଥିଲା। ସୈଫୁଦ୍ଦିନ୍ ଘର କେରଳର ମାଲାପ୍ପୁରମରେ। କେରଳର ମାଲାପ୍ପୁରମ, କନ୍ନୁର ଓ କସରାଗଡ଼ ଜିଲ୍ଲାରୁ ଅଧିକ ସଂଖ୍ୟକ ଲୋକ ଆଇଏସ୍‌ରେ ଯୋଗ ଦେଉଥିବାର ଦେଖିବାକୁ ମିଳୁଛି। ଏମାନଙ୍କୁ ସିରିଆ ଓ ଇରାକ୍‌ରେ ଆତଙ୍କୀ ତାଲିମ ଦିଆଯିବା ପରେ କାବୁଲ ଓ ଅନ୍ୟ ସ୍ଥାନଗୁଡ଼ିକରେ ଲଢ଼ିବାକୁ ପଠାଇ ଦିଆଯାଉଛି। ଗୁପ୍ତଚର ବିଭାଗର ଅଧିକାରୀଙ୍କ ମତରେ ୨୦୧୪ରେ ପଢ଼ା ସରିବା ପରେ ସୈଫୁଦ୍ଦିନ୍ ଚାକିରୀ କରିବାକୁ ସାଉଦିଆରବ ଯାଇଥିଲା। ସେହିଠାରେ ହିଁ ଆଇଏସ୍ ସଂଗଠନରେ ମିଶିଥିଲା। ୨୦୧୮ ସେପ୍ଟେମ୍ବରରେ ସେ ଭାରତ ଆସି ୧୦ ଦିନ ବିତାଇବା ପରେ ଦୁବାଇ ଫେରିଯାଇଥିଲା। ପରିବାର ସହ ମୋବାଇଲ ମେସେଜ ଜରିଆରେ କଥା ହେଉଥିଲା କିନ୍ତୁ କେଉଁଠି ଅଛି, ସେ ସମ୍ପର୍କରେ କିଛି ଜଣାଇ ନଥିଲା। ସୈଫୁଦ୍ଦିନର ଜଣେ ସାଙ୍ଗ କିଛିଦିନ ଧରି ନିଖୋଜ ଅଛି। ଗୁପ୍ତଚର ସଂସ୍ଥା ସେହି ଯୁବକଙ୍କୁ ଖୋଜୁଛି। ଆଇଏସ୍ ପାଇଁ କେରଳରେ କେଉଁ ସଂସ୍ଥା କାମ କରୁଛି, ସେ ସମ୍ପର୍କରେ ଗୁପ୍ତଚର ବିଭାଗ ପାଖରେ କୌଣସି ଖବର ନାହିଁ।

## ସବୁପ୍ରକାର ସୁରକ୍ଷା ପାଇଁ ଆମ ସେନା ପ୍ରସ୍ତୁତ: ପ୍ରତିରକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ:** ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହିତ ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖକୁ ପୃଥକ କେନ୍ଦ୍ର ଶାସିତ ପ୍ରଦେଶ ମାନ୍ୟତା ଦେବା ଲାଗି କେନ୍ଦ୍ର ସରକାର ନିଷ୍ପତି ନେବା ଫଳରେ ଗତ ୭୦ ବର୍ଷ ଧରି ଲୋକମାନେ ଭୋଗୁଥିବା ଭେଦଭାବ ଦୂର ହୋଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରକାଶ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଇନଷ୍ଟିଚ୍ୟୁଟ ଅଫ ଡିଫେନ୍ସ ଷ୍ଟଡିଜ ଆଣ୍ଡ ଆନାଲିସିସ (ଆଇଡିଏସଏ)ର ବାର୍ଷିକ ସାଧାରଣ ପରିଷଦ ବୈଠକକୁ ସମ୍ବୋଧିତ କରି ରାଜନାଥ ସିଂ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ଖୋଜିବା ଲାଗି ପ୍ରାରମ୍ଭିକ ପ୍ରସ୍ତୁତି କରାଯାଇଥିଲା। ଏହି ନିଷ୍ପତିର କିଛି ପ୍ରଭାବ ରହିବ। ସେ କହିଥିଲେ ଯେ ପଡ଼ୋଶୀ ଦେଶ ଏଥିରେ ଖୁସି ନାହିଁ ଏବଂ ଶାନ୍ତି ଭଙ୍ଗ କରିବା ଲାଗି ପ୍ରୟାସ କରୁଛି। ଆମ ସେନା ସୁରକ୍ଷା ଆହ୍ୱାନକୁ ଗ୍ରହଣ କରିନେଇଛି ଏବଂ ଯେକୌଣସି ପ୍ରକାର ବିପଦର ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଶ୍ରୀ ରାଜନାଥ ସିଂ ଆଇଡିଏସଏକୁ ସାବଧାନତାପୂର୍ବକ ଏବଂ ପାଞ୍ଚଟି ଦିଗରୁ ବିଶ୍ଳେଷଣ କରିବା ଲାଗି ଆହ୍ୱାନ କରିଥିଲେ। କାରଣ ଭୂମି, ବାୟୁ ଏବଂ ସମୁଦ୍ରରୁ ପାରମ୍ପରିକ ବିପଦ ବ୍ୟତୀତ ସାଇବର ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ନୂତନ ବିପଦ ସାମ୍ନାକୁ ଆସିଛି। ସେ ଏହି ପରାମର୍ଶ ମଧ୍ୟ ଦେଇଥିଲେ ଯେ ଆଇଡିଏସଏ ପ୍ରତିରକ୍ଷା ବାଣିଜ୍ୟ ଆମଦାନୀ ପ୍ରକ୍ରିୟାର ଅଧ୍ୟୟନ ଆହୁରି ଶୀଘ୍ର କରିପାରିବ। ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ସରକାର ପଡ଼ୋଶୀ ପ୍ରଥମେ ନୀତି ଆପଣାଇଥିଲେ, ଯାହା ଆମ ପଡ଼ୋଶୀ ଦେଶ ସହିତ ଭାରତକୁ ଲାଗିଥିବା ଭୂମି ଏବଂ ସାମୁଦ୍ରିକ ସୀମାକୁ ପ୍ରତିପାଦିତ କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ମାଳଦ୍ୱୀପକୁ ତାଙ୍କର ପ୍ରଥମ ଯାତ୍ରା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ମୋଜାମ୍ବିକ ଯାତ୍ରା ସମୟରେ ଏହାର ବିଶେଷ ପ୍ରଭାବ ପଡ଼ିଥିଲା। ଆଇଡିଏସଏର କାର୍ଯ୍ୟକାରୀ ପରିଷଦ ରାଜନାଥ ସିଂଙ୍କୁ ସର୍ବସମ୍ମତିକ୍ରମେ ଅଧ୍ୟକ୍ଷ ଭାବେ ଚୟନ କରିଥିଲା। ଆଇଡିଏସଏର ମହାନିର୍ଦ୍ଦେଶକ ସୁଜାନ ଆର. ଚିନଏ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଏବଂ ତାଙ୍କୁ ଆଇଡିଏସଏର ଭୂମିକା ଓ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ।



### ଇସ୍‌ଲାମାବାଦ୍‌କୁ ୱାଶିଂଟନ୍‌ର ଚେତାବନୀ

# ନିଜ ଦେଶର ଆତଙ୍କୀ ସଂଗଠନକୁ ଲୋପ କର

**ୱାଶିଂଟନ୍:** ପାକିସ୍ତାନରୁ ଆତଙ୍କୀ ସଂଗଠନଗୁଡ଼ିକୁ ଲୋପ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଇମ୍ରାନ୍ ସରକାରଙ୍କୁ କଡ଼ା ଆଦେଶ ଦେଇଛି। ସୀମା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଅନୁପ୍ରବେଶକାରୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଆତଙ୍କ ବିରୋଧୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ପରିସ୍ଥିତିରେ ସୁଧାର ଅଣାଯାଇପାରିବ ବୋଲି ହ୍ୱାଇଟ୍ ହାଉସ୍ ପରାମର୍ଶ ଦେଇଛି। ତା' ସହିତ ଭାରତକୁ ଆମେରିକା କହିଛି, 'ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଲୋକଙ୍କ ମାନବିକ ଅଧିକାର ସୁରକ୍ଷିତ ରହିବା ଦରକାର।' ଇତିମଧ୍ୟରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଓ ସାଉଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ମାମଲାରେ ଆମେରିକା ଭାରତକୁ ପରୋକ୍ଷରେ ସମର୍ଥନ କରିଛି। ପାକିସ୍ତାନ ଭାରତକୁ ନାଲିଆଖି ଦେଖାଇବା ବଦଳରେ ନିଜ ମାଟିରୁ ଆତଙ୍କୀ ନିପାତ କରିବା ସହ ଏଲ୍‌ଓସି ନିକଟରେ ଅନୁପ୍ରବେଶ ବନ୍ଦ କରିବା ଦରକାର ବୋଲି ଆମେରିକା ଇମ୍ରାନ୍ ସରକାରଙ୍କୁ ତାଗିଦ କରିଛି। ଏ ତାଗିଦ ପ୍ରଥମ ନୁହେଁ, ପୂର୍ବରୁ ଅନେକବାର ପାକିସ୍ତାନକୁ ତାଗିଦ୍ କରିଆସୁଛି ହ୍ୱାଇଟ୍‌ହାଉସ୍। କିନ୍ତୁ ପାକ୍ ସରକାର ଆମେରିକାର ପରାମର୍ଶକୁ ମାନିବାକୁ ଅରାଜି। ହ୍ୱାଇଟ୍‌ହାଉସ୍‌ର ବୈଦେଶିକ ବ୍ୟାପାର କମିଟି ଓ ସିନେଟ୍ ବୈଦେଶିକ ସମ୍ପର୍କ କମିଟି ବୁଧବାର ମିଳିତ ବିବୃତିରେ କହିଛନ୍ତି, ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ହୋଇଥିବାରୁ ସେଠାରେ ନାଗରିକଙ୍କ ମୌଳିକ ଅଧିକାର ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଦରକାର। ସବୁ ନାଗରିକଙ୍କୁ ସଭାସମିତି ଓ ସ୍ୱାଧୀନ ମତପୋଷଣ କରିବାର ଅଧିକାର ମିଳିବା ଦରକାର। ନିମ୍ନ ସଦନର ବିଦେଶ ବ୍ୟାପାର କମିଟି ଅଧ୍ୟକ୍ଷ ଡେମୋକ୍ରାଟ୍ ସାଂସଦ ଇଲିୟଟ୍ ଏଙ୍ଗେଲ ଓ ସିନେଟ୍‌ର ବୈଦେଶିକ ସମ୍ପର୍କ କମିଟି ଅଧ୍ୟକ୍ଷ ରବର୍ଟ ମେନେଣ୍ଡେଜ ଏକ ମିଳିତ ବିବୃତିରେ ପାକିସ୍ତାନକୁ ତାଗିଦ କରିବା ସହ ଭାରତକୁ ପରାମର୍ଶ ଦେଇଛନ୍ତି। ଭାରତର ଲୋକପ୍ରତିନିଧିଙ୍କ ପ୍ରତି ସରକାରଙ୍କ କଠୋର ଆଭିମୁଖ୍ୟକୁ ଆମେରିକା ସଂସଦ ସମାଲୋଚନା କରିଛି। ବରିଷ୍ଠ ଆଇନଜୀବୀ ଆନନ୍ଦ ଗ୍ରୋଭର ଓ ଇନ୍ଦିରା ଜୟସିଂହଙ୍କ ପ୍ରତି ସରକାରଙ୍କ ପଦକ୍ଷେପକୁ ନାପସନ୍ଦ କରାଯାଇଥିଲା। ଜମ୍ମୁ- କଶ୍ମୀର ପ୍ରସଙ୍ଗରେ ଭାରତର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ନେଇ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବହୁ ରାଷ୍ଟ୍ରମୁଖ୍ୟଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଗତ ସୋମବାର ଇମ୍ରାନ୍ ମାଲେସିଆ ପ୍ରଧାନମନ୍ତ୍ରୀ ମହାତୀର ମୁହମ୍ମଦ ଓ ତୁର୍କୀ ରାଷ୍ଟ୍ରପତି ରିସିପେ ତାୟିପେ ଏର୍ଡୋଗାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନେ ଦୁଇଦିନ ଭିତରେ ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କ୍ୟୁରେସୀ ଚୀନ୍ ଗସ୍ତ କରି ଭାରତ ସରକାରଙ୍କ ଧାରା ୩୭୦ ଉଚ୍ଛେଦ ମାମଲାରେ ଆଲୋଚନା କରିବାର ଅଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବାର ପରିଣାମ କେତେ ଭୟଙ୍କର ହେବ, ସେ ସମ୍ପର୍କରେ ବିଶ୍ୱନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପାକିସ୍ତାନ ଉଦ୍ୟମ ଜାରିରଖିଛି। ଆଗାମୀ ସେପ୍ଟେମ୍ବରରେ ମିଳିତ ଜାତିସଂଘ ନିରାପତ୍ତା ପରିଷଦ ବୈଠକରେ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବା ପାଇଁ ପ୍ରସ୍ତୁତ ହେଉଛି।



# 'ଫନି' ବାତ୍ୟା ସମ୍ବନ୍ଧୀୟ ରିପୋର୍ଟ ଉନ୍ମୋଚିତ



**ଭୁବନେଶ୍ୱର:** ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଫନି' ବାତ୍ୟା କ୍ଷୟକ୍ଷତି ଓ ପୁନଃରୁଦ୍ଧାର ଆବଶ୍ୟକତା ନିର୍ଦ୍ଧାରଣ ସମ୍ବନ୍ଧୀୟ ରିପୋର୍ଟର ଉନ୍ମୋଚନ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମିଳିତ ଜାତିସଂଘର ଭାରତରେ ଅବସ୍ଥିତ ମୁଖ୍ୟ ସମନ୍ୱୟନକାରୀ ରେନାଟା ଲୋକ୍ - ଡେସାଲିଏନ୍ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଶ୍ୱ ବ୍ୟାଙ୍କ, ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ, ୟୁଏନ୍‌ଡିପି ଓ ଅନ୍ୟାନ୍ୟ ପ୍ରମୁଖ ସଂସ୍ଥାମାନଙ୍କର ଉଚ୍ଚ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ଶାସନ ସଚିବ ଓ କର୍ମକର୍ତ୍ତା ତଥା ଓସ୍‌ଡମା ଓ ଏସ୍‌ଆରସି ଅଫିସର ଅଧିକାରୀମାନେ ଉପସ୍ଥିତ ଥିଲେ। ଗତ ମଇ ମାସ ୩ ତାରିଖ ଦିନ ପ୍ରଳୟଙ୍କାରୀ ବାତ୍ୟା 'ଫନି' ଓଡ଼ିଶା ଉପକୂଳ ଅତିକ୍ରମ କରିଥିଲା ଓ ଏହାର ପ୍ରଭାବରେ ରାଜ୍ୟର ୧୪ ଗୋଟି ଜିଲ୍ଲାରେ ପ୍ରଭୁତ ଧନ ଜୀବନ କ୍ଷତି ହେବା ସହିତ ପାଖାପାଖି ୧ କୋଟି ୬୫ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ବାତ୍ୟା ପରବର୍ତ୍ତୀ ସମୟରେ ଓଡ଼ିଶା ସରକାର, କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଶ୍ୱ ବ୍ୟାଙ୍କ, ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ ଏବଂ ମିଳିତ ଜାତିସଂଘର ସହଯୋଗୀତାରେ ବାତ୍ୟା କ୍ଷୟକ୍ଷତି ଓ ପୁନଃରୁଦ୍ଧାର ଆବଶ୍ୟକତା ନିର୍ଦ୍ଧାରଣ କାର୍ଯ୍ୟ ହାତକୁ ନେଇଥିଲେ। ଦୀର୍ଘ ୨୦ଦିନ ବ୍ୟାପୀ ଏହି ନିର୍ଦ୍ଧାରଣ କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାଙ୍କ, ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ ଏବଂ ମିଳିତ ଜାତିସଂଘର ବିଭିନ୍ନ ବିଭାଗର ୧୦୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞଗଣ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ତଥା ସ୍ଥାନୀୟ ଅଣ-ସରକାରୀ ସଂଗଠନ ଓ ଅନ୍ୟାନ୍ୟ ଖ୍ୟାତି ସମ୍ପନ୍ନ ବିଶେଷଜ୍ଞମାନେ ଜଡିତ ଥିଲେ। ଏହି ଦଳ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଉପଲବ୍ଧ କ୍ଷୟକ୍ଷତି ସମ୍ବନ୍ଧୀୟ ତଥ୍ୟକୁ ବିଶ୍ଳେଷଣ କରିବା ସହିତ, ପ୍ରମୁଖ କ୍ଷୟକ୍ଷତି ହୋଇଥିବା ଜିଲ୍ଲା ଗୁଡିକର କ୍ଷେତ୍ର ପରିଦର୍ଶନ ମଧ୍ୟ କରିଥିଲେ। ଏହି ଦଳ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ବାତ୍ୟା 'ଫନି' ଦ୍ୱାରା ସମୁଦାୟ ୨୪୧୭୬ କୋଟି ଟଙ୍କାର କ୍ଷୟକ୍ଷତି ହୋଇଅଛି ଏବଂ ସମସ୍ତ ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ୨୯୩୧୫ କୋଟି ଟଙ୍କାର ଆବଶ୍ୟକତା ରହିଛି। ବାତ୍ୟା ଦ୍ୱାରା ଭିତ୍ତିଭୂମି ଗୁଡିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଏବଂ ଏ ଗୁଡିକର ପୁନଃନିର୍ମାଣ ପାଇଁ ସମୁଦାୟ ନିର୍ଦ୍ଧାରିତ ଅର୍ଥର ଶତକଡା ୪୨ଭାଗ ଆବଶ୍ୟକତା ରହିଛି। ସେହିପରି ସାମାଜିକ କ୍ଷେତ୍ର, ଯେଉଁଥିରେ ଗୃହ ନିର୍ମାଣ ଅନ୍ତର୍ଭୁକ୍ତ ସେଥିପାଇଁ ଶତକଡା ୩୬ଭାଗ ଅର୍ଥର ଆବଶ୍ୟକତା ରହିଅଛି। ଏହି ରିପୋର୍ଟଟି ବାତ୍ୟାର ବ୍ୟାପକ ଅର୍ଥନୀତି ଓ ମାନବୀୟ ପ୍ରଭାବ ଉପରେ ଏକ ସାଧାରଣ ସମୀକ୍ଷା ଉପସ୍ଥାପନା କରୁଅଛି ଏବଂ ଏହା ଏକ ସୁବ୍ୟବସ୍ଥିତ ପୁନଃରୁଦ୍ଧାର କାର୍ଯ୍ୟ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଓଡ଼ିଶା ଗଠନର ଦୂରଦୃଷ୍ଟିକୁ ହାସଲ କରିବା ପାଇଁ ପ୍ରଥମ ପଦକ୍ଷେପ। ଏହି ରିପୋର୍ଟ ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ଓ ଭିତ୍ତିଭୂମି ନିର୍ମାଣ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଜୀବିକା ଆଧାରିତ ଦୀର୍ଘସ୍ଥାୟୀ ପୁନଃରୁଦ୍ଧାର କାର୍ଯ୍ୟଶୈଳୀକୁ ପ୍ରସ୍ତାବିତ କରୁଅଛି।

# ପ୍ରଦର୍ଶନୀ ପଡ଼ିଆରେ ହେବ ରାଜ୍ୟସ୍ତରୀୟ ପ୍ୟାରେଡ଼୍

**ଭୁବନେଶ୍ୱର:** ବଦଳିଲା ରାଜ୍ୟସ୍ତରୀୟ ପରେଡ଼ସ୍ଥଳ। ଏଥର ରାଜ୍ୟସ୍ତରୀୟ ପ୍ୟାରେଡ ଅନୁଷ୍ଠିତ ହେବ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ। ସୁରକ୍ଷା ଦୃଷ୍ଟିରୁ ସ୍ଥାନ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ତେବେ ଚଳିତ ସ୍ୱାଧିନତା ଦିବସ ଠାରୁ ରାଜ୍ୟସ୍ତରୀୟ ପ୍ୟରେଡ ଉତ୍ସବ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଦୀର୍ଘଦିନ ହେଲା ଲୋୟର ପିଏମଜି ତଥା ଗାନ୍ଧିମାର୍ଗରେ ରାଜ୍ୟସ୍ତରୀୟ ପ୍ୟାରେଡ଼ ଉତ୍ସବ ପାଳନ କରାଯାଉଥିଲା। ସହରରେ ଟ୍ରାଫିକ ସମସ୍ୟା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ଥର ପ୍ୟାରେଡ଼ସ୍ଥଳ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ପରେଡ଼ ଉତ୍ସବ ପାଳନ ନେଇ ସରକାର ସହର ଭିତରେ ଥିବା ୩ଟି ସ୍ଥାନକୁ ଚିହ୍ନଟ କରିଥିଲେ। ୟୁନଟ-୩ ପ୍ରଦର୍ଶନୀ ପଡ଼ିଆ, କଳିଙ୍ଗ ଷ୍ଟାଡ଼ିୟମ ଓ ଜନତା ମଇଦାନରେ କରାଯିବାକୁ ପ୍ରସ୍ତାବ ରହିଥିଲା। ହେଲେ ସୁରକ୍ଷା ଓ ନିରାପତ୍ତା ନେଇ ପୁଲିସକୁ ଷ୍ଟାଟସ୍ ରିପୋର୍ଟ ମଗାଯାଇଥିଲା। ଏହି ୩ଟି ପ୍ରସ୍ତାବିତ ପ୍ୟାରେଡ଼ସ୍ଥଳକୁ ପୁଲିସ ଡିଜି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା, ଗୁଇନ୍ଦା ଡିଜି ସୁନୀଲ ରାୟ, ପୁଲିସ କମିଶନର ସତ୍ୟଜିତ ମହାନ୍ତି ଓ ରାଜ୍ୟ ସରକାରଙ୍କ ସୂଚନା ଏବଂ ପ୍ରସାରଣ ବିଭାଗର ଅଧିକାରୀମାନେ ପରିଦର୍ଶନ କରିବା ସହ ସୁରକ୍ଷା ଅନୁଧ୍ୟାନ କରିଥିଲେ। ଏହି ୩ଟି ସ୍ଥାନରେ ସୁରକ୍ଷା, ଟ୍ରାଫିକ ସମସ୍ୟା ଆଦି ନେଇ ପୁଲିସ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପୁଲିସ ରିପୋର୍ଟକୁ ଆଧାର କରି ସରକାର ପ୍ରଦର୍ଶନୀ ପଡ଼ିଆରେ ପ୍ୟାରେଡ଼ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଏଣିକି ଲୋୟର ପିଏମ୍‌ଜି ବଦଳରେ ପ୍ରଦର୍ଶନୀ ପଡ଼ିଆରେ ପ୍ୟାରେଡ ଉତ୍ସବ ପାଳନ କରାଯିବ। ସେହିପରି ଚଳିତ ଥର ଠାରୁ ପ୍ୟାରେଡ଼ରେ କୌଣସି ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବନି। ସୁରକ୍ଷା ଓ ସେମାନଙ୍କ ପାଠପଢାରେ ବ୍ୟାଘାତ କାରଣରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଣିକି କେବଳ ପୁଲିସ ଓ ସୁରକ୍ଷା ଏଜେନ୍ସିର କର୍ମକର୍ତ୍ତାମାନେ ପ୍ୟାରେଡରେ ଭାଗ ନେବେ। ଏନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇନଥିଲେ ମଧ୍ୟ ସରକାରୀସ୍ତରରେ ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ବିଦ୍ୟାଳୟରେ ପହଞ୍ଚିଲା 'ଖୁସି'

**ଭୁବନେଶ୍ୱର:** ବିଦ୍ୟାଳୟରେ ଛଅରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ବାଳିକା ମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ 'ଖୁସି' ଯୋଜନାରେ ସେମାନଙ୍କୁ ସାନିଟାରୀ ନାପକିନ ଯୋଗାଣ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ବଣ୍ଟନ ପାଇଁ ତାହା ଏବେ ବିଦ୍ୟାଳୟ ଗୁଡିକରେ ପହଞ୍ଚିଛି। ଖୁବଶୀଘ୍ର ଏହା ବାଳିକାମାନଙ୍କୁ ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏକ ଉଚ୍ଚସ୍ତରୀୟ ବୈଠକରେ ଖୁସି ଯୋଜନାର ସମୀକ୍ଷା କରିଛନ୍ତି। ସମୀକ୍ଷାର ସୂଚନା ଅନୁଯାୟୀ ଏହି ଯୋଜନାରେ ବାଳିକାମାନଙ୍କୁ ପ୍ରତିମାସରେ ୧୮ଟି କରି ସାନିଟାରୀ ନାପକିନ ଯୋଗାଇ ଦିଆଯିବ। ୨୯,୫୫୭ଟି ବିଦ୍ୟାଳୟରେ ୧୬,୮୧,୬୯୦ଜଣ ବାଳିକାଙ୍କୁ ନାପକିନ ଯୋଗାଣର ଲକ୍ଷ୍ୟ ରହିଛି। ଓଡିଶା ମେଡିକାଲ କର୍ପୋରେସନ ପକ୍ଷରୁ ପ୍ରଥମ ତ୍ରୈମାସିକପାଇଁ ଗତ ଜାନୁୟାରୀ ମାସରେ ୯,୦୮.୧୮,୯୩୬ ପିସ ସାନିଟରୀ ନାପକିନ ଖରିଦ କରାଯାଇ ଥିବାବେଳେ ଏଗୁଡିକୁ ବ୍ଲକ ଓ ପୌରସଂସ୍ଥାର ୩୧୯ଟି ସ୍ଥାନରେ ଥିବା ଗୋଦାମରେ ପହଞ୍ଚାଯାଇ ପାରିଛି। ସେହିଭଳି ଦ୍ୱିତୀୟ ତ୍ରୈମାସିକ ପାଇଁ ୯,୧୬,୩୨,୫୪୬ ପିସ ନାପକିନ ଖରିଦ ପାଇଁ ବରାଦ ଦିଆଯାଇଛି। ବ୍ରହ୍ମପୁର, ରାଉରକେଲା ମହାନଗର ନିଗମ ଓ ଜଗତସିଂହପୁରକୁ ବାଦଦେଲେ ଅନ୍ୟ ସମସ୍ତ ସ୍ଥାନରେ ଥିବା ଗୋଦାମରେ ଏହା ପହଞ୍ଚିଛି। ସେହିଭଳି ଏଠାରୁ ବିଦ୍ୟାଳୟ ଗୁଡିକୁ ନାପକିନ ପହଞ୍ଚାଇବା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସୁବର୍ଣ୍ଣପୁର, ମାଲକାନଗିରି, ନୟାଗଡ, ନବରଙ୍ଗପୁର, ଝାରସୁଗୁଡା ଏବଂ କନ୍ଧମାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ନାପକିନ ପହଞ୍ଚିଥିବା ସମୀକ୍ଷାରୁ ଜଣାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଖରିଦ ହୋଇଥିବା ନାପକିନ ମଧ୍ୟରୁ ଯୋଗାଣକାରୀମାନେ ଇତି ମଧ୍ୟରେ ବଲାଙ୍ଗିର, ବରଗଡ, କଟକ, ଗଞ୍ଜାମ, ଗଜପତି, ଯାଜପୁର, କଳାହାଣ୍ଡି, ରାୟଗଡା ଏବଂ ବ୍ରହ୍ମପୁର ମହାନଗର ନିଗମକୁ ଯୋଗାଣ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଖୁସି ଯୋଜନାରେ ୨୨,୨୩,୮୯,୯୦୭ କୋଟି ଟଙ୍କା ବ୍ୟୟ ହୋଇସାରିଲାଣି। ଏହି ଯୋଜନାରେ ନାପକିନ ଖରିଦରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଗୁଣାତ୍ମକ ମାନ ପ୍ରତି ଦୃଷ୍ଟି ଦେବା ସହିତ ଠିକଣା ଭାବେ ଏହାର ବିତରଣ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଫେମ୍ ଇଣ୍ଡିଆ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ

# ଭୁବନେଶ୍ୱରକୁ ମିଳିବ ୫୦ ଇ-ବସ୍




**ଭୁବନେଶ୍ୱର :** ଭାରୀ ଉଦ୍ୟୋଗ ବିଭାଗ ପକ୍ଷରୁ 'ଫେମ୍ ଇଣ୍ଡିଆ ଯୋଜନା'ର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ସହର ଭିତରେ ଚାଲିବା ସହିତ ଗୋଟିଏ ସହରରୁ ଅନ୍ୟ ସହର ମଧ୍ୟରେ ଚଳାଚଳ କରିବା ଉଦ୍ଦେଶ୍ୟରେ ୫୫୯୫ଟି ବିଦ୍ୟୁତ ଚାଳିତ ବସ୍‌କୁ ମଞ୍ଜୁର କରାଯାଇଛି। ୬୪ଟି ସହର, ରାଜ୍ୟ ସରକାରୀ ସଂସ୍ଥା ଏବଂ ରାଜ୍ୟ ପରିବହନ ଉପକ୍ରମ (ଏସଟିୟୁ) ଲାଗି ଏହି ବସ ଗୁଡ଼ିକୁ ମଞ୍ଜୁରି ଦିଆଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛ ଇନ୍ଧନ ବିଶିଷ୍ଟ ପରିବହନକୁ ଆହୁରି ଅଧିକ ବୃଦ୍ଧିକରିବା। ଏହି ଯୋଜନା ଅଧୀନରେ ଭୁବନେଶ୍ୱରକୁ ୫୦ଟି ବସ୍ ମିଳିଛି। କ୍ୟାପିଟାଲ ଓ ସ୍ମାର୍ଟ ସିଟି ବର୍ଗରେ ଭୁବନେଶ୍ୱରକୁ ଏହି ବସ୍ ମିଳିଛି। ଭାରୀ ଉଦ୍ୟୋଗ ବିଭାଗ ଦଶ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର, ସ୍ମାର୍ଟ ସିଟି, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ରାଜଧାନୀ ଏବଂ ସ୍ୱତନ୍ତ୍ର ପାହ୍ୟା ବିଶିଷ୍ଟ ରାଜ୍ୟର ସହର ଗୁଡ଼ିକଠାରୁ ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରାଯାଇଥିଲା। ଯାହାଦ୍ୱାରା ପରିଚାଳନା ବ୍ୟୟ ଆଧାରରେ ଇଲେକ୍ଟ୍ରିକ ବସ୍ ଚଳାଚଳ କିମ୍ବା ଉପଯୋଗଲାଗି ସେମାନେ ନିଜ ନିଜ ପ୍ରସ୍ତାବ ଉପସ୍ଥାପନ କରିପାରିବେ। ୧୪,୯୮୮ ଇଲେକ୍ଟ୍ରିକ ବସ ଚଳାଚଳ କିମ୍ବା ଉପଯୋଗ ଲାଗି ୨୬ଟି ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରୁ ୮୬ଟି ପ୍ରସ୍ତାବ ମିଳିଥିଲା। ଇଓଆଇ ଅନୁଯାୟୀ ଏହି ପ୍ରସ୍ତାବ ଅନୁଧ୍ୟାନ କରିବା ପରେ ପ୍ରକଳ୍ପରକାର୍ଯ୍ୟାନ୍ୱୟନ ଏବଂ ମଞ୍ଜୁରି ସମିତି (ପିଆଇଏସି) ଠାରୁ ପରାମର୍ଶ ଗ୍ରହଣ କରାଯାଇଥିଲା।ଏହା ପରେ ଗୋଟିଏସହରରୁ ଅନ୍ୟ ସହର ପର୍ଯ୍ୟନ୍ତ ଚଳାଚଳ କରିବା ଉଦ୍ଦେଶ୍ୟରେ୬୪ଟି ସହର/ରାଜ୍ୟ ପରିବହନ ନିଗମଲାଗି ୫୦୯୫ଟି ଇଲେକ୍ଟ୍ରିକ ବସ, ଗୋଟିଏ ସହର ଭିତରେ ଚଳାଚଳ ଲାଗି ୪୦୦ଟି ଇଲେକ୍ଟ୍ରିକ ବସଏବଂ ଅନ୍ତିମସ୍ଥାନ ପର୍ଯ୍ୟନ୍ତ କନେକ୍ଟିଭିଟି ନିମନ୍ତେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି) ଲାଗି ୧୦୦ଟି ଇଲେକ୍ଟ୍ରିକ ବସ୍‌କୁ ମଞ୍ଜୁରି ଦେଇଛନ୍ତି। ଚଳାଚଳ ଖର୍ଚ୍ଚ ଆଧାରରେ ମଞ୍ଜୁରିପ୍ରାପ୍ତ ଇଲେକ୍ଟ୍ରିକ ବସର ନିୟୋଜନ କିମ୍ବା ଉପଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚୟନିତ ସହର/ରାଜ୍ୟ ପରିବହନ ଉପକ୍ରମ ଲାଗିକ୍ରୟ ପ୍ରକ୍ରିୟାକୁ ସମୟବଦ୍ଧ ଢଙ୍ଗରେ ଆରମ୍ଭ କରିବାର ଆବଶ୍ୟକତାରହିଛି।ଏହିବସ୍‌ଗୁଡ଼ିକଚୁକ୍ତି ଅବଧି ସମୟରେମୋଟ ପାଖାପାଖି ୧୨୦ କୋଟିଲିଟର ଇନ୍ଧନ ସଞ୍ଚୟ କରିବ ବୋଲି ଅନୁମାନ କରାଯାଉଛି। ଏ ହିକାରଣରୁ ୨.୬ ମିଲିୟନ ଟନ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ରୋକା ଯାଇପାରିବ।

# କିଏ କେଉଁଠି ଉଡାଇବେ ପତାକା

**ଭୁବନେଶ୍ୱର:** ଆସନ୍ତା ସ୍ୱାଧୀନତା ଦିବସ ଅବସରରେ କିଏ କେଉଁଠାରେ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ ସେଥି ନେଇ ସ୍ୱରାଷ୍ଟ୍ର ବିଭାଗ ପାଖରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ବାରବାଟୀ ଷ୍ଟାଡିୟମ ଠାରେ ଆୟୋଜିତ ହେବାକୁ ଥିବା ସ୍ୱାଧୀନତା ଦିବସ ପ୍ୟାରେଡରେ ରାଜ୍ୟ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅଭିବାଦନ ଗ୍ରହଣ କରିବେ। ସେହିପରି ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରେଡ ଉତ୍ସବରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, କେନ୍ଦ୍ରାପଡାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଳାହାଣ୍ଡିରେ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା, ମୟୁରଭଞ୍ଜରେ ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଢେଙ୍କାନାଳ ଜିଲ୍ଲାରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ସୁନ୍ଦରଗଡ ଜିଲ୍ଲାରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, କଳାହାଣ୍ଡି ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ଓ ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ଏହା ବ୍ୟତୀତ ନୟାଗଡ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ଟୁକୁନି ସାହୁ, କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟା ଲଘୁ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ବଲପୁର ଜିଲ୍ଲାରେ ଶକ୍ତି, ଶିଳ୍ପ ବିଭାଗର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବାଲେଶ୍ୱର ଜିଲ୍ଲାରେ ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ ଅଶୋକ ପଣ୍ଡା, ଯାଜପୁର ଜିଲ୍ଲାରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନବରଙ୍ଗପୁର ଜିଲ୍ଲାରେ ପର୍ଯ୍ୟଟନ, ଓଡିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କୋରାପୁଟ ଜିଲ୍ଲାରେ ଦକ୍ଷତା ବିକାଶ, ବୈଷୟିକ ବିଭାଗର ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ମାଲକାନଗିରି ଜିଲ୍ଲାରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ରାୟଗଡା ଜିଲ୍ଲାରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍‌ମିନୀ ଦିଆନ, ଗଜପତି ଜିଲ୍ଲାରେ କ୍ରୀଡା ଓ ଯୁବ ସେବା ବିଭାଗର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ଅପର ପକ୍ଷରେ ଭଦ୍ରକ ଜିଲ୍ଲାରେ ରାଜସ୍ୱ ପର୍ଷଦର ସଭ୍ୟ , ଖୋର୍ଦ୍ଧା ଜିଲ୍ଲାରେ କେନ୍ଦ୍ରାଞ୍ଚଳ ଡିଭିଜନର ଆରଡିସି ଅନିଲ ସାମଲ, ବ୍ରହ୍ମପୁରରେ ଦକ୍ଷିଣାଂଚଳର ଆରଡିସି, ରାଉରକେଲାରେ ଉତରାଞ୍ଚଳର ଆରଡିସି ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ। ବରଗଡ, ବୌଦ, ଦେଓଗଡ, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡା, ନୂଆପଡା ଓ ସୁବର୍ଣପୁର ଜିଲ୍ଲା ମାନଙ୍କରେ ସଂପୃକ୍ତ ଜିଲ୍ଲାପାଳ ମାନେ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ ବୋଲି ଜଣାପଡିଛି।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା

**ଭୁବନେଶ୍ୱର:** ରାଜ୍ୟ ସରକାର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ମାନଙ୍କର ନାମ ଘୋଷଣା କରିଛନ୍ତି। ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୟୁରଭଂଜ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ରହିଥିଲା ବେଳେ ବାଲେଶ୍ୱର ଜିଲ୍ଲା ଯୋଜନା କମିଟିରେ ଅଧ୍ୟକ୍ଷ ଭାବେ ବିଧାୟକ ଅନନ୍ତ ଦାସ, ଭଦ୍ରକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ବ୍ୟୋମକେଶ ରାୟ, ଯାଜପୁର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସଙ୍କୁ ରଖାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରଖାଯାଇଥିବା ବେଳେ ଜଗତସିଂହପୁର ଜିଲ୍ଲାପାଇଁ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, କଟକ ଜିଲ୍ଲା ପାଇଁ ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲି, ପୁରୀ ଜିଲ୍ଲା ପାଇଁ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ, ଖୋର୍ଦ୍ଧା ଜିଲ୍ଲା ପାଇଁ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ନୟାଗଡ଼ ଜିଲ୍ଲା ପାଇଁ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ଅଧ୍ୟକ୍ଷ ଭାବେ ରଖାଯାଇଛି। ସେହିପରି ଗଂଜାମ ଜିଲ୍ଲା କମିଟିର ଅଧ୍ୟକ୍ଷ ଭାବେ ଶ୍ରୀକାନ୍ତ ସାହୁଙ୍କୁ ରଖାଯାଇଥିଲା ବେଳେ ବୌଦ୍ଧ ଜିଲ୍ଲା ପାଇଁ, ମହୀଧର ରଣା, ଗଜପତି ଜିଲ୍ଲା ପାଇଁ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା, କନ୍ଧମାଳ ଜିଲ୍ଲା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୋନପୁର ଜିଲ୍ଲା ପାଇଁ ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ହସ୍ତତନ୍ତ ବୟନଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ରଖାଯାଇଛି। କୋରାପୁଟ ଜିଲ୍ଲାପାଇଁ ବିଧାୟକ ରଘୁରାମ ପୋଡ଼ାଲଙ୍କୁ ରଖାଯାଇଥିଲା ବେଳେ ନବରଙ୍ଗପୁର ଜିଲ୍ଲା ପାଇଁ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ମାଲକାନଗିରି ଜିଲ୍ଲା ପାଇଁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କୁ ରଖାଯାଇଛି । ନୂଆପଡ଼ା ଜିଲ୍ଲାପାଇଁ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ବଲାଙ୍ଗୀର ଜିଲ୍ଲାପାଇଁ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ନବ କିଶୋର ଦାସ, ବରଗଡ଼ ଜିଲ୍ଲା ପାଇଁ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଝାରସୁଗୁଡ଼ା ଜିଲ୍ଲାପାଇଁ ଯୋଜନା ଓ ସଂଯୋଜନା ବଭାଗର ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ରଖାଯାଇଛି । ସୁନ୍ଦରଗଡ଼ ଜିଲ୍ଲା ପାଇଁ ଯୋଜନା କମିଟିର ଅଧ୍ୟକ୍ଷ ଭାବେ ବିଧାୟକ ଶାରଦା ପ୍ରସାଦ ନାୟକ, ଅନୁଗୋଳ ଜିଲ୍ଲା ପାଇଁ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଢ଼େଙ୍କାନାଳ ଜିଲ୍ଲା ପାଇଁ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଦେଓଗଡ଼ ଏବଂ କେଉଁଝର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ କୁମାର ମଲ୍ଲିକ ରହିଛନ୍ତି । କଳାହାଣ୍ଡି ଜିଲ୍ଲା ପାଇଁ ମହିଳା ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ଟୁକୁନି ସାହୁଙ୍କୁ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ରଖାଯାଇଛି।

## ସ୍ୱାସ୍ଥ୍ୟ ସୂଚନା ପାଇଁ ହସ୍ପିଟାଲରେ ଏଲ୍‌ଇଡି ବୋର୍ଡ

**ଭୁବନେଶ୍ୱର:** ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହି ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ସୂଚନା ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ରାଜ୍ୟ ସରକାର ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ସୁଫଳ ଜନସାଧାରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଯୋଜନାଗୁଡ଼ିକର ସଫଳ ରୂପାୟନ ଅଧାବାଟରେ ରହିଯାଉଛି। ତେଣୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜନସଚେତନତା ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ଟି ହସ୍ପିଟାଲରେ ଏଲଇଡି ଡିସ୍‌ପ୍ଲେ ବୋର୍ଡ ବ୍ୟବସ୍ଥା ଉନ୍ମୋଚିତ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କ୍ୟାପିଟାଲ ହସ୍ପିଟାଲ ସମେତ ୧୨ଟି ସ୍ଥାନରେ ଡିସପ୍ଲେ ବୋର୍ଡ ଉନ୍ମୋଚନ କରିଛନ୍ତି।

# ୧୨ ପଛୁଆ ବ୍ଲକରେ ପ୍ରତିଷ୍ଠା ହେବ କ୍ଲଷ୍ଟର: ମନ୍ତ୍ରୀ



**ଭୁବନେଶ୍ୱର:** ବିଶ୍ୱରେ ଘଟୁଥିବା ପରିବର୍ତ୍ତନ ଓ ବଜାରର ଆବଶ୍ୟକତା ଉପଲବ୍ଧ କରି କେଉଁ କୃଷି କାର୍ଯ୍ୟ କଲେ ଅଧିକ ଉପଯୁକ୍ତ ହେବ ସେ ବିଷୟରେ କୃଷକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଓ ଦୀର୍ଘମିଆଦି ଯୋଜନା ମାଧ୍ୟମରେ ବଜାରର ଚାହିଦା ଅନୁଯାୟୀ ଫଳ ଓ ପନିପରିବା ଚାଷ ବିଷୟରେ କୃଷକମାନଙ୍କ ଆଗ୍ରହୀ କରିବାକୁ ପଡ଼ିବ। କୃଷକମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଜ୍ଞାନକୌଶଳ ଓ ବଜାର ସୁବିଧା ଯୋଗାଇଦେବା ପାଇଁ 'ଭାରତ ରୁରାଲ ଲାଇଭ୍‌ଲିହୁଡ୍ ଫାଉଣ୍ଡେସନ୍' ଓ 'ପ୍ରଦାନ' ସହଯୋଗରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ଓ ଏହାଦ୍ୱାରା ୧ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ ପକ୍ଷରୁ 'ଚାଷର ସମୃଦ୍ଧି ନିମନ୍ତେ ବଜାର ବ୍ୟବସ୍ଥାର ସୁଦୃଢ଼ୀକରଣ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଏହି ପ୍ରକଳ୍ପରେ ଡିପ ଜମି ଥିବା ଜନଜାତିବହୁଳ ୧୨ଟି ପଛୁଆ ବ୍ଲକ୍‌ରେ କ୍ଲଷ୍ଟର ପ୍ରତିଷ୍ଠା କରାଯିବ। ଏହି ଯୋଜନାରେ ୪ ବର୍ଷରେ ମୋଟ ୪୦୧.୬ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପରେ ଫଳ ଓ ପନିପରିବା ଚାଷ କରିଥିବା କୃଷକମାନଙ୍କୁ ଆନୁସଙ୍ଗିକ ବଜାର ସୁବିଧା ଯୋଗାଇ ଦିଆଯିବ। ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ଉତ୍ପାଦିତ କୃଷି ଦ୍ରବ୍ୟକୁ ମୂଲ୍ୟଯୁକ୍ତ ଓ ପ୍ରାମାଣୀକରଣ କରାଯିବ ଯଦ୍ଦ୍ୱାରା କୃଷକମାନଙ୍କ ଆୟ ବହୁଗୁଣିତ ହୋଇପାରିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ସୂଚନାଯୋଗ୍ୟ ଯେ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, 'ଭାରତ ରୁରାଲ୍ ଲାଇଭ୍‌ଲିହୁଡ୍ ଫାଉଣ୍ଡେସନ୍' ଓ 'ପ୍ରଦାନ' ମିଳିତ ଉଦ୍ୟମରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପଟି ରାଜ୍ୟରେ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ଓରମାସ୍‌ର ଯୁଗ୍ମ ସିଇଓ ସୁଜୟ କର, ଭାରତ ରୁରାଲ ଲାଇଭଲିହୁଡି ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରମଥେସ୍ ଅମ୍ବାଷ୍ଟା ଓ 'ପ୍ରଦାନ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ସାହାନୀ ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରି କହିଲେ ଯେ, ଏହି ଯୋଜନା ମାଧ୍ୟମରେ ୬୫୦ଟି ଉତ୍ପାଦକ ଗୋଷ୍ଠୀ ଓ ୩୦ଟି ଉତ୍ପାଦକ କମ୍ପାନୀ ଗଠନ କରାଯିବ। ଏହି ଉତ୍ପାଦକ ଗୋଷ୍ଠୀଗୁଡ଼ିକ ସମନ୍ୱିତ ଓ ମିଳିତ ଭାବେ ଉଦ୍ୟାନ କୃଷିଭିତ୍ତିକ ଉତ୍ପାଦନ କରିବେ। ସେହିପରି ୭୫୦ ଜଣ ବଜାର ସଂଯୋଜକ କୃଷି ଉଦ୍ୟୋଗୀଙ୍କ ଦକ୍ଷତା ବୃଦ୍ଧି କରାଯିବ। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ଯୋଜନା ଅନ୍ତର୍ଗତ ସ୍ଥାୟୀ ଭାବରେ ୪୦ ପ୍ରତିଶତ ଜମିରେ ବିନା କୀଟନାଶକ ଫସଲ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ଚାଷୀମାନଙ୍କ ଜୀବିକା ବୃଦ୍ଧି ନିମନ୍ତେ କ୍ଲଷ୍ଟରଗୁଡ଼ିକରେ ୪୦ ହଜାର ପରିବାରଙ୍କୁ ଆନୁଷଙ୍ଗିକ କୃଷି ଯଥା ଛେଳି, ମେଣ୍ଢା ଓ କୁକୁଡ଼ା ଆଦି ପାଳନ ପାଇଁ ସହାୟତା ପ୍ରଦାନ କରାଯିବ। ଜୀବିକା ବୃଦ୍ଧି ନିମନ୍ତେ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ୧୬ ହଜାର ଏକର ଜମିରେ ଜଳସେଚନ, ୮ ହଜାର ଏକର ଜମିରେ ଫଳ ଚାଷ, ୭୦ ହଜାର ଚାଷୀଙ୍କୁ କୃଷି ଯନ୍ତ୍ରପାତି ସୁବିଧା ଯୋଗାଇ ଦିଆଯିବ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ଅଗଷ୍ଟ, ୨୦୧୯

# ମଣିଷକୁ ଭଲପାଅ



ତାରକ ମହାନ୍ତି

ମାନବିକତାର ପରିଭାଷା ହେଉଛି ବିଶ୍ୱ ଭ୍ରାତୃତ୍ୱ ଓ ବନ୍ଧନର ପ୍ରତୀକ। ଏହା ବଦଳିଗଲେ ସମାଜ, ରାଷ୍ଟ୍ର ଏବଂ ବିଶ୍ୱ ସଭ୍ୟତାର ଶିଖର ଛୁଇଁପାରିଛି ବୋଲି କହିପାରିବ ନାହିଁ। ମାନବବାଦ ହେଉଛି ଆଦି ମଣିଷର ପ୍ରଥମ ଉଚ୍ଚାରଣ। ଏହାର ବିଘଟନ ଘଟିଲେ ମଣିଷ ଯେତେ ସଭ୍ୟ, ଶିକ୍ଷିତ ଓ ପ୍ରତିଷ୍ଠିତ ହୋଇଥିଲେ ବି ସମାଜ ପାଇଁ ଆଦୌ ଗ୍ରହଣୀୟ ହୋଇପାରେନାହିଁ। ସମାଜ ସ୍ୱୀକାର ନକଲେ ମଣିଷ ନିଜ ଅହଂକାରକୁ ନେଇ ବଳିୟାନ ହୋଇପାରେ ସିନା, ଭଲ ମଣିଷରେ ଗଣାହୁଏନି। ବିକାଶର ମୂଳଲକ୍ଷ୍ୟ ମାନବାଦ ପ୍ରତିଷ୍ଠା। ଯୁଗେ ଯୁଗେ ଏହି ମାନବବାଦ ହିଁ ମଣିଷକୁ ମଣିଷ ସହ ସମ୍ପର୍କ ଯୋଡିବାର ମାଧ୍ୟମ ସାଜିଛି। ସଭ୍ୟତାର କ୍ରମବିକାଶ ପୂର୍ବରୁ ଓ ପରେ ମାନବବାଦ ହିଁ ଆଗକୁ ବଢ଼ିବାର ପଥ ପରିଷ୍କାର କରିବା ସହିତ ଦିଗ୍‌ଦର୍ଶନ ଦେଇଆସିଛି। ସେହି ଆଧାରରେ ଯୁଗେ ଯୁଗେ ମଣିଷ ସତ୍‌କାମୀ ହେବା ସହିତ ଅନ୍ୟକୁ ଉଚିତ୍ ପରାମର୍ଶ ଦେଇ ବଞ୍ଚିବାର ରାହା ଦେଖାଇଛି। ଉଗ୍ର ଭାବନାର ସ୍ୱରୂପ ଉଗ୍ରତାରେ ହିଁ ପରିପ୍ରକାଶ ହୁଏ। ପରିଣାମ ଯାହା ହେଉନା କାହିଁକି ଉଗ୍ରବାଦୀମାନେ ସର୍ବଦା ଅନ୍ୟର ଅନିଷ୍ଟ କରିବା ସହିତ ସାମାଜିକ ବିଶୃଙ୍ଖଳାର କାରଣ ଭାବେ ଉଭା ହୁଅନ୍ତି। ଯାହାଫଳରେ ପରିସ୍ଥିତି ଭୟାନକ ହେବା ସହିତ ବିବାଦ ନାମକ ବୃକ୍ଷ ଶକ୍ତିଶାଳୀ ହୋଇପଡେ। ବିବାଦକୁ ଶକ୍ତି କରୁଥିବା ହୃଦୟହୀନ ମଣିଷମାନେ ସେଥିରୁ ନିଜର ସ୍ୱାର୍ଥ ହାସଲ କରିବା ସହିତ ଅନ୍ୟକୁ ବିପଦମୁହଁକୁ ଠେଲି ଦେଇଥାନ୍ତି। ଉଗ୍ରବାଦ ଦ୍ୱାରା ଯେଉଁ ସ୍ୱାର୍ଥ ହାସଲ ହୋଇଥାଏ ବାସ୍ତବ ଅର୍ଥରେ ତାହା ମୂଲ୍ୟହୀନ। କାରଣ କାହା ଜୀବନ ବିନିମୟରେ ସାମୟିକ ସୁଖ ଆହରଣ କରିବା ହେଉଛି ମାନବବାଦର ପରିପନ୍ଥୀ। ମଣିଷ ଯେତେବେଳେ ପଶୁତୁଲ୍ୟ ଆଚରଣ କରେ ସେତେବେଳେ ତା'ର ଜୀଜ୍ଞାସାର ସବୁ ବାଟ ବନ୍ଦ ହୋଇଯାଏ। ଜୀଜ୍ଞାସାହୀନ ବ୍ୟକ୍ତି ଅନ୍ୱେଷଣ ବଦଳରେ ଅନୁସନ୍ଧିତ୍ସୁ ହୋଇ ଦିଗହରା ବାଟୋଇ ପରି ଜୀବନର ମାର୍ଗ ଖୋଜୁ ଖୋଜୁ ହଏତ କେତେବେଳେ କେଉଁ ଅନ୍ଧାରୀ ଗହ୍ୱରରେ ଖସିପଡେ ତାହା ତାକୁ ଆଗରୁ ଜଣାନଥାଏ। ଜାଣିଶୁଣି ଅନ୍ୟକୁ ବିପଦ ମୁହଁରେ ଛାଡିଦେଇ ନିଜେ ଖସିଯିବାର ଅଭିଳାଷ ଯେତେବେଳେ ନିଜ ପାଇଁ ବିପଦ ସାବ୍ୟସ୍ତ ହୁଏ ସେତେବେଳେ କିଛି ଲୋକ ଅନୁତାପ ବା ପଶ୍ଚାତାପ କରିବା ପାଇଁ ଏକପ୍ରକାର ବାଧ୍ୟ ହୁଅନ୍ତି। ଅଥଚ୍ ଯେଉଁ ସମୟରେ ସେମାନଙ୍କର ଏହା ଜାଣିବା କଥା ସେତେବେଳେ ତାହାକୁ ଅହଂକାର ବଶତଃ ଉପେକ୍ଷା କରି ପରେ ଅନୁତାପ କରିବାର କୌଣସି କାରଣ ନଥାଏ। ଚତୁରତା ବଳରେ ଜଣେ ହୁଏତ ଧନୀ ହୋଇଯାଇପାରେ। କିମ୍ବା ନିଜର ସାମର୍ଥ୍ୟ ଯୋଗୁଁ ଅନ୍ୟକୁ ପଛରେ ପକାଇ ପ୍ରତିଷ୍ଠା ଅର୍ଜନ କରିବାରେ ସକ୍ଷମ ହୋଇପାରେ। ଧନଧାନ୍ୟ ବା ଅମାପ ପ୍ରାଚୁର୍ଯ୍ୟର ଗଦା ଉପରେ ବସି ଜଣେ ନିଜକୁ ଯେତେ ଶ୍ରେଷ୍ଠ କହିଲେ ବି ଶ୍ରେଷ୍ଠ ହେବା ପାଇଁ ଯେଉଁ ଗୁଣ ଗୁଡିକ ଦରକାର ତାହା ଯେବେ ତା' ନିକଟରେ ନଥାଏ ତେବେ ସେ ନିଜକୁ ନିଜେ ଆତ୍ମପ୍ରବଞ୍ଚନାରେ ବଞ୍ଚାଇ ରଖିବାକୁ ଚେଷ୍ଟା କରେ। ହେଲେ ବାସ୍ତବ ଅର୍ଥରେ ଶ୍ରେଷ୍ଠ ହେବାର ଯେତେସବୁ ଗୁଣ ଏବଂ ମହତ ଲକ୍ଷ୍ୟର ଆବଶ୍ୟକତା ରହିଛି ତାକୁ ଯେବେ ଜଣେ ହାସଲ ନ କରିପାରିଛି ତେବେ ସେ କେବଳ ଧନୀକ ଶ୍ରେଣୀରେ ଗଣା ହୁଏ ସିନା ଭଲ ମଣିଷରେ ଗଣା ହୋଇପାରେନାହିଁ। ଯେଉଁ ଯୁଗପୁରୁଷ ମାନେ ଅତୀତରେ ଏ ଦେଶ, ଏ ଜାତିକୁ ଦିଗ୍‌ଦର୍ଶନ ଦେବା ସହିତ ସେମାନଙ୍କୁ ବିପଦ ମୁହଁରୁ ରକ୍ଷା କରିଛନ୍ତି ସେମାନେ ହିଁ ଶ୍ରେଷ୍ଠ ମଣିଷ ଭାବେ ପରିଗଣିତ। ଭୟ ବା ଧମକ ଦେଖାଇ କାହାଠାରୁ ଭକ୍ତି ହାସଲ କରାଯାଇ ପାରେନାହିଁ। ମାତ୍ର ସାମ୍ପ୍ରତିକ ସମୟରେ ଏଭଳି କିଛି ଘଟଣା ଦେଖିବାକୁ ମିଳୁଛି ଯେଉଁମାନେ ଅର୍ଥ ଓ ପ୍ରତିଷ୍ଠା ବଳରେ ଅନ୍ୟକୁ କ୍ରୀତଦାସ ଭଳି ବ୍ୟବହାର ପ୍ରଦର୍ଶନ କରିବା ସହିତ ନିଜର ନୀତିହୀନ ଗୁଣ ଗୁଡିକୁ ଅନ୍ୟ ଉପରେ ସାବ୍ୟସ୍ତ କରୁଛନ୍ତି। ଅନେକ ଘଟଣାରେ ଦେଖିବାକୁ ମିଳୁଛି ଯେ, ମଣିଷ ପ୍ରତି ମଣିଷର ସମ୍ବେଦନା ନାହିଁ। ନିଜର ଆଭିମୁଖ୍ୟ ଏବଂ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ କିଛି ଲୋକ ମଣିଷ ପଣିଆକୁ ଯେଭଳି ହତ୍ୟା କରି ଚାଲିଛନ୍ତି ଏଥିରେ ସମାଜ ବା ଜଗତର କୌଣସି ମଙ୍ଗଳ ହୋଇପାରିବ ନାହିଁ।

ବସ୍ତୁବାଦର ମୋହରେ ପଡି ହେଉ କିମ୍ବା ନିଜର ଅହଂକାରକୁ ପ୍ରତିପାଦନ କରିବାକୁ ଯାଇ ଭୋଗ ଲାଳସା ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ଅଥଚ ସେମାନେ ନିଜ ଚାରିପାଖର ସୁଖ ଦୁଃଖ ହୃଦୟଙ୍ଗମ କରିବାକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ଅନ୍ୟର ବିପଦ ସମୟରେ ସେମାନଙ୍କୁ ସମବେଦନା ଜଣାଇବା ପରିବର୍ତ୍ତେ ଏହି ଅବିବେକି ମଣିଷମାନେ ନିଜ ଭିତରେ ନିଜେ ଖୁସି ହୁଅନ୍ତି। କିନ୍ତୁ ଏହି ଖୁସିର କୌଣସି ସ୍ଥାୟୀତ୍ୱ ନାହିଁ ବୋଲି ଏହା ସେମାନେ ଭାବି ପାରନ୍ତିନାହିଁ। ଏ କ୍ଷେତ୍ରରେ ସେମାନଙ୍କର ଭାବନା ଶକ୍ତି ସକାରାତ୍ମକ ଅପେକ୍ଷା ନକାରାତ୍ମକ ଦିଗ ପ୍ରତି ଅଧିକ କ୍ରିୟାଶୀଳ ଥାଏ। ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବା ପାଇଁ ସୁଯୋଗ ଦେବା କ୍ଷେତ୍ରରେ ଏମାନେ ପଛଘୁଞ୍ଚା ଦେଇଥାନ୍ତି। ଯେଉଁଥିପାଇଁ ପାରିପାର୍ଶ୍ୱିକ ପରିସ୍ଥିତି ଯେତେ ଦୁଃଖମୟ ହେଲେ ବି ସେମାନେ ଏହାକୁ ଭୃକ୍ଷେପ କରନ୍ତି ନାହିଁ। ବରଂ ପରିସ୍ଥିତିରୁ ଫାଇଦା ଉଠାଇ ନିଜ ପାଇଁ କେତେକ ଲାଭ କରିହେବ ତାହା ତାଙ୍କ ବିଚାରଧାରାରେ ସ୍ଥାନ ପାଇଥାଏ। ଏଭଳି ଭୁଲ ବିଚାରଧାରା ଯୋଗୁ ଅନେକ ସମୟରେ ଅନେକ ଲୋକ ଏମାନଙ୍କ ପାଇଁ ସମାଜର ମୁଖ୍ୟସ୍ରୋତରୁ ଖସି ଖସି ତଳକୁ ଚାଲିଯାଇଥାନ୍ତି। ତଳକୁ ଖସି ଯାଉଥିବା କିମ୍ବା ଗଭୀର ଜଳଧାରାରେ ଭାସି ଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି କୂଳକୁ ଆଣିବା କର୍ତ୍ତବ୍ୟ ବଦଳରେ ମଣିଷ ଯେତେବେଳେ ନିଷ୍ଠୁର ଭାବେ ଏହାକୁ ଉପଭୋଗ କରେ ତାକୁ କ'ଣ ବୋଲି କୁହାଯିବ? ପ୍ରକୃତ ମଣିଷ ଅନ୍ୟକୁ ବିପଦ ଆପଦରେ ସହଯୋଗ କରିବା ସହିତ ସୁପଥରେ ଚାଲିବା ପାଇଁ ପରାମର୍ଶ ଦିଅନ୍ତି। ମାନବବାଦର ଅସଲ ପରିଭାଷା ହିଁ ଏଇଆ ସୂଚନା ଦେଉଛି। ଯେଉଁ ଯେଉଁ ମହାପୁରୁଷମାନେ ଅତୀତରେ ଏ ଦେଶ, ଏ ଜାତି ଓ ଏହି ମଣିଷ ସମାଜକୁ ଉଦ୍ଧାର କରିବା ପାଇଁ ନିଜର ତ୍ୟାଗ ବଳରେ ସଫଳ ହୋଇଛନ୍ତି ସେମାନେ ହିଁ ଶ୍ରେଷ୍ଠ ମଣିଷ। ତାଙ୍କରି ଆଦର୍ଶ ଓ ପ୍ରେରଣା ସମଗ୍ର ମଣିଷ ଜାତିକୁ ବଞ୍ଚିବା ପାଇଁ ଖୋରାକ ଯୋଗାଇବା ସହିତ ଲକ୍ଷ୍ୟଯୁକ୍ତ ହେବାର ସନ୍ଦେଶ ଦେଇଛି। ବର୍ତ୍ତମାନ ସମାଜରେ ଯେଉଁ ବ୍ୟକ୍ତିମାନେ ଅର୍ବୁଦ ଅର୍ବୁଦ ଟଙ୍କାର ପାହାଡ ଉପରେ ବସି ଅନ୍ୟକୁ ଶାସନ କରିବାର କ୍ଷମତା ଦେଖାଉଛନ୍ତି ସେମାନଙ୍କ ଭିତରେ ମଣିଷପଣିଆ ବୋଲି କିଛିନାହିଁ। କାରଣ ଭବ୍ୟ ପ୍ରସାଦ ନିକଟରେ ଭୋକିଲା ମଣିଷର ପେଟକୁ ଖଣ୍ଡେ ରୁଟି ଦେଇପାରୁ ନଥିବା ମଣିଷ କିଭଳି ଶ୍ରେଷ୍ଠ ମଣିଷରେ ଗଣାହୋଇପାରିବ। ତେଣୁ ଯେଉଁମାନେ ଅର୍ଥ ଉପାର୍ଜନ ପଛରେ ଦିନରାତି ଧାଉଁଛନ୍ତି ସେମାନେ ମଣିଷପଣିଆ ପାଇଁ ବି ଧାଇଁବା ଦରକାର। ମଣିଷପଣିଆ ନଥିଲେ ଜୀବନ ନିରର୍ଥକ ଓ ଅର୍ଥଶୂନ୍ୟ। ତେଣୁ ସଭ୍ୟ ମଣିଷମାନେ ଏକଥା ବିଚାର ନକଲେ ଓ ଜୀଜ୍ଞାସା ନ ବଢ଼ାଇଲେ ଏହା ପଶୁମାନେ କ'ଣ ଚିନ୍ତା କରିପାରିବେ। ତେଣୁ, ହେ ମଣିଷ! ଦରଦୀ ହୁଅ ଓ ମଣିଷକୁ ଭଲପାଅ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିଶାର ଜହରଗ୍ରସ୍ତ ଗ୍ରାମଠୁ ସହର



ସୌମେନ୍ଦ୍ର ଜେନା


ଏବେ ସବୁଦିନ ଖବରକାଗଜ ପୃଷ୍ଠାରେ ନିଶା କାରବାର ନେଇ ଖବର ଭରପୂର । ସବୁଆଡେ ଏହା ଯେମିତି ଚରିଯିବାକୁ ବସିଲାଣି । ଓଡିଶାରେ କିପରି ନିଶାର ସାମ୍ରାଜ୍ୟ ବଢିବଢି ଚାଲିଛି ତାହା ଖୋର୍ଦ୍ଧା ଗୁରୁଜଙ୍ଗର ଜହର ବ୍ରାଉନସୁଗାର ବେପାରୀ ଛୋଟାର କାହାଣୀରୁ ଜାଣିହେବ। ଛୋଟା କିପରି ସ୍ଥାନୀୟ ତହସିଲ ନିକଟସ୍ଥ ଏକ ପାନ ଦୋକାନରୁ ବଢି ବଢି ନିଶାର ଡିନ୍ ହୋଇଥିଲା ତାହା ଯେତିକି ରୋମାଞ୍ଚକର ସେତିକି ବିସ୍ମୟକର। ଏବେ ପୋଲିସ ହାତରେ ଗିରଫ ହେବା ପୂର୍ବରୁ ସେ ବହୁଦିନ ହେବ ଏହି ବେପାରରେ ରହିଥିଲା । ଜନ୍ମରୁ ଭିନ୍ନକ୍ଷମ ଥିବା ଛୋଟା ଓରଫ ଶୁଭ୍ରାଂଶୁ ନିଶା ବେପାର ସହ ବେଆଇନ ଖଣି କାରବାରଯାଏ ହାତ ଲମ୍ୱାଇ ବସିଥିଲା । ସରକାରୀ ଜମିଦଖଲ କରି ଅନ୍ୟମାନଙ୍କୁ ଦୋକାନ କରିବାକୁ ଦେଇ ଭଡା ନେବା। ସ୍ପିଡ ବାଇକ ଚଳାଇ ସୁନାଚେନ୍, ଲୁଟ୍‌ରେ ସେଥିଲା ଓସ୍ତାଦ । ୨୦୧୫ରେ ଛୋଟା ଗିରଫ ହୋଇଥିଲା । ୨୦୧୬ରେ ବ୍ରାଉନ ସୁଗାର ବେପାରରେ ପ୍ରବେଶ କରିବା ପରେ ତାର ସାମ୍ରାଜ୍ୟ ବଢିଥିଲା । ଏକଦା ଚରୋଟି ପିଲାଙ୍କ ମାଧ୍ୟମରେ ଏହି ବ୍ୟବସାୟ ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେ ୩୦ରୁ ୪୦ ଜଣଙ୍କୁ ନିୟୋଜିତ କରିଥିଲା । । ସ୍ଥାନୀୟ ନେତା, ପୁଲିସ ଅଧିକାରୀ, ଅବକାରୀ ବିଭାଗର କର୍ମଚାରୀଙ୍କୁ ହାତରେ ରଖି ସେ ବିସ୍ତାର କରିଥିଲା ରାଜ୍ୟରେ ବ୍ରାଉନ ସୁଗାରର ସାମ୍ରାଜ୍ୟ, କେବଳ ସେତିକି ନୁହେଁ,ଜବରଦସ୍ତପୁରଠାରେ ସରକାରୀ ଜମି ଜବରଦଖଲ କରି ଏକ ଜବରଦସ୍ତ ଅଟ୍ଟାଳିକା ନିର୍ମାଣ କରିଥିଲା । ସରକାରଙ୍କ ପକ୍ଷରୁ ସେହି ଅଟ୍ଟାଳିକାକୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ତହସିଲଦାରଙ୍କ ଦ୍ୱାରା ଏବେ ଭାଙ୍ଗିଦିଆଯାଇଛି । ହେଲେ ସେହି ଅଟ୍ଟାଳିକାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି । ଭଙ୍ଗାଯାଇଥିବା ଘରଟି ଥିଲା ଆନ୍ତଃରାଜ୍ୟ ନିଶା ବେପାରର ଏକ କେନ୍ଦ୍ର । କୋଲକାତା ଏବଂ ବାଲେଶ୍ୱରରୁ ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସିବା ପରେ ସେଠାରୁ ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ଚାଲାଣ କରାଯାଉଥିବା ଜଣାପଡିଛି । ତେବେ ରାଜ୍ୟରେ ଚାଲିଥିବା ଯୋଜନାବଦ୍ଧ ନିଶା କାରବାର ର୍‍ୟାକେଟର ଏହା ଗୋଟିଏ ମାତ୍ର ସୂଚନା କିନ୍ତୁ ଜଳେଶ୍ୱର, ଛତିଆ, ଭୁବନେଶ୍ୱରର ହଳଦୀପଡିଆ ପରି ଅଞ୍ଚଳ ରାଜ୍ୟରେ ବ୍ରାଉନସୁଗାର ଯୋଗାଣ ଓ ବ୍ୟବସାୟର ଗୋଟିଏ ଗୋଟିଏ ପରିଚିତ କେନ୍ଦ୍ର ପାଲଟିଛନ୍ତି, ଯାହା ଅବକାରୀ ବିଭାଗ ଅଧିକାରୀମାନଙ୍କୁ ଭଲଭାବେ ଜଣାଅଛି । ସହରରେ ଯେତେ ଅଧିକ ଧରପଗଡ ହେଲେ ମଧ୍ୟ ଧଳାଜହର ବା ନିଶା ପାଉଡର କାରବାର କମିବା ଜଣାପଡୁନାହିଁ । ବଙ୍ଗଳାରୁ ଉତ୍ତର ଓଡିଶା ବାଟ ଦେଇ ଏବେ ଏହି ନିଶା କାରବାର ରାଜ୍ୟର ଛୋଟ ଛୋଟ ସହରକୁ ଚେର ଲମ୍ୱାଇ ମାଡିଗଲାଣି । ଆଗରୁ ପଶ୍ଚିମ ଭାରତ ଦେଇ ପାକିସ୍ଥାନରୁ ପଞ୍ଜାବ ରାଜ୍ୟ ଭିତରକୁ ନିଶାରୁ ଆସୁଥିଲା ବେଳେ ଏବେ ଦକ୍ଷିଣ-ପୂର୍ବ ଏସିଆର ନିଶା ବେପାରୀମାନେ ଉତ୍ତର ପୂର୍ବାଞ୍ଚଳ ଏବଂ ବଙ୍ଗଳାଦେଶ ରାସ୍ତାରେ ଭାରତକୁ ନିଶା ପାଉଡର ଚାଲାଣ କରୁଛନ୍ତି । ସବୁଠୁ ବଡ କଥା ହେଲା ଯେ ନିଶାବେପାରୀଙ୍କ ର୍‍ୟାକେଟ ସହ ପୋଲିସରେ ଚାକିରୀ କରିଥିବା ଲୋକଙ୍କ ସଂପୃକ୍ତି । ଏହି ଅଭିଯୋଗରେ ରାଜଧାନୀର ସାଲିଆ ସାହି ଅଞ୍ଚଳରେ ନୂଆପଲ୍ଲୀ ଥାନାର ପିସିଆର ଗାଡିର ଡ୍ରାଇଭରକୁ ସ୍ଥାନୀୟ ଲୋକେ ମାଡ ମାରିଥିଲେ । ସଂପୃକ୍ତ ଡ୍ରାଇଭର ନିଶା ବେପାରୀକୁ ଲୋକଙ୍କ କବଳରୁ ଖସାଇ ନେବାକୁ ଚେଷ୍ଟା କରିବାକୁ ସ୍ଥାନୀୟ ଲୋକେ ଅଧିକ ଉତ୍‌କ୍ଷିପ୍ତ ହୋଇଥିଲେ । ତେଣୁ ସାଧାରଣ ଲୋକେ ଡ୍ରାଇଭରକୁ ମାଡ ଦେବାକୁ ପଛାଇଲେ ନାହିଁ । ଆଗେ ରାଜ୍ୟର କୁଷ୍ଠ ବସ୍ତିଗୁଡିକ ଗଞ୍ଜେଇ ଚାଲାଣ ପାଇଁ ସୁରକ୍ଷିତ ଥିଲା । ଏହି ବସ୍ତିଗୁଡିକ ଭିତରକୁ କେହି ଯାଉନଥିଲେ । ସେଠାରେ ଥିବା ଭିକାରୀମାନେ ବେପାରୀଙ୍କ ମାଲ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ଦେଉଥିଲେ । କିନ୍ତୁ ଏବେ ଏହି ର୍‍ୟାକେଟରେ କଲେଜ ଛାତ୍ର ସାମିଲ ହେଲାପରି ଏବେ ନିଶା ର୍‍ୟାକେଟରେ ପୋଲିସ ବିଭାଗର କର୍ମଚାରୀମାନେ ମଧ୍ୟ ସାମିଲ ହେଲେଣି । କଥାରେ କୁହାଯାଏ ଯେ ପଶୁଙ୍କଠାରୁ ଲତାକୁ ରକ୍ଷା କରିବାପାଇଁ ବାଡ ବସାଯାଇଥାଏ । ସେହିବାଡ ଫସଲକୁ ଖାଇଲେ ଦୋଷ ଦେବା କାହାକୁ? ସେହି ନ୍ୟାୟରେ ପୋଲିସ ବିଭାଗ ଚୋରକୁ ଧରିବା ପାଇଁ ଥିଲାବେଳେ ଯଦି ଚୋର ସହ ସେମାନେ ସାମିଲ ହେବେ ତେବେ କଥା ସରିଗଲା ।

ଦେଶର ପଶ୍ଚିମରେ ଆଫଗାନିସ୍ତାନ ଓ ପାକିସ୍ଥାନରୁ ଏବଂ ପୂର୍ବରେ ଥାଇଲାଣ୍ଡ ଓ ମ୍ୟାନମାର ସମେତ ଅନ୍ୟାନ୍ୟ ଦେଶଗୁଡିକରୁ ମଣିପୁର ଏବଂ ପଶ୍ଚିମବଙ୍ଗ ଦେଇ ନିଶା କାରବାର ଜାରି ରହିଛି । ସୀମାନ୍ତରେ କେତେକ ସ୍ଥାନରେ ଡ୍ରୋନମାଧ୍ୟମରେ ଚୋରମାନେ ନିଶାପୁଡିଆ ସୀମା ଡେଇଁ ଚାଲାଣ କରୁଛନ୍ତି । ସୀମାବର୍ତ୍ତୀ ଗ୍ରାମର ଚାଷୀ ଏବଂ ମୂଲିଆଙ୍କ ମାଧ୍ୟମରେ ଏହି କାରବାର ଚାଲୁରହିଛି । ରାତିରେ ଡ୍ରୋନ୍ ସହାୟତାରେ ପକାଯାଉଥିବା ନିଶାପୁଡିଆକୁ ଚାଷ ଜମିର ମାଲିକ ଓ ଶ୍ରମିକ ଲୁଚାଇରଖି ପରବର୍ତ୍ତୀ ସମୟରେ ବାହାରକୁ ଚାଲାଣ କରିଥାନ୍ତି । ଏପରିକି ସୀମାବର୍ତ୍ତୀ ଅଞ୍ଚଳରେ ମାଟିତଳେ ପାଣି ପାଇପ ମଧ୍ୟରେ ଛୋଟ ପୁଡିଆଗୁଡିକୁ ରଖାଯାଇ ଗୋଟିଏ ପଟୁ ପାଣି ଛାଡି ଅନ୍ୟ ପ୍ରାନ୍ତରେ ପହଞ୍ଚାଇବା ଲାଗି ଚେଷ୍ଟା କରାଯାଇଥାଏ । ଏହି ନିଶା କାରବାରରେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ସାମିଲ ହେବା ଆଉ ଏକ ସଙ୍କଟ ସୃଷ୍ଟି କଲାଣି । ଏମାନଙ୍କ ମାଧ୍ୟମରେ ସହରରେ ଥିବା ଶତାଧିକ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଏହି ନିଶାପୁଡିଆ ପହଞ୍ଚି ଛାତ୍ରଛାତ୍ରୀଙ୍କ ପାଖରେ ଛୋଟ ପୁଡିଆ ଆକାରରେ ପହଞ୍ଚିଲାଣି । କାରବାରରେ ସଂପୃକ୍ତ ଥିବା କିଛି ଛାତ୍ର ଇତି ମଧ୍ୟରେ ଗିରଫ ହୋଇଛନ୍ତି । ନିଶା କାରବାରଜନିତ ଲାଭ ପୋଲିସ ବିଭାଗର କର୍ମଚାରୀମାନଙ୍କୁ ମଧ୍ୟ ଏଥିରେ ସଂପୃକ୍ତ ହେବା ପାଇଁ ଆକର୍ଷିତ କରୁଛି ଯାହା ଫଳରେ ସେମାନେ ଆଗପଛ ବିଚାର ନକରି କାରବାରରେ ସାମିଲ ହେଉଛନ୍ତି । ବଡ କଥା ହେଲା ପୋଲିସ ବିଭାଗ ଚୋରଙ୍କୁ ଧରିବା ପାଇଁ ଯେମିତି ନିଜସ୍ୱ ଗୁଇନ୍ଦା ବା ସୂଚନାଦାତା ନିଯୁକ୍ତ କରୁଛି ସେମିତି ନିଜ ବିଭାଗର କର୍ମଚାରୀଙ୍କ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ । ସମୟାନ୍ତରରେ କର୍ମଚାରୀମାନଙ୍କ ରେକର୍ଡର ସମୀକ୍ଷା ହେବା ଆବଶ୍ୟକ । କାରଣ ଗୋଟିଏ ପଟେ ପୁଲିସ ବିଭାଗକୁ ଲୋକଙ୍କ ଅଧିକ ନିକଟରେ ହୋଇ ବିଶ୍ୱାସଭାଜନ ହେବାକୁ କୁହାଯିବା ବେଳେ ଖୋଦ ବିଭାଗୀୟ କର୍ମଚାରୀମାନେ ଚୋରଙ୍କ ସୁରକ୍ଷାଦାତା ହେଲେ ବିଭାଗୀୟ କାର୍ଯ୍ୟ ଉପରେ ଲୋକଙ୍କ ସନ୍ଦେହ ବଢିବ, ଯାହା ଆଜିଯାଏ ଚାଲୁରହିଛି । ତେଣୁ ନିଜର ଭାବମୂର୍ତ୍ତି ବଦଳାଇବାକୁ ପୋଲିସ ବିଭାଗ ଚେଷ୍ଟା କରିବା ସହ ନିଜ ଲୋକଙ୍କ ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖିବା ଦରକାର ହେଲାଣି । ଓଡିଶା ଗୋଟିଏ ସମୟରେ ଧାନଚାଷ ପାଇଁ ପ୍ରସିଦ୍ଧିଲାଭ କରିଥିଲା । ବିନା ସାରରେ ଏଠାକାର ଧାନଚାଷ ସର୍ବଭାରତୀୟ କୃଷି ବୈଜ୍ଞାନିକମାନଙ୍କୁ ଆକର୍ଷିତ କରିଥିଲା । କିନ୍ତୁ ଏବେ ଧାନବଦଳରେ ଗଞ୍ଜେଇ ଚାଷ ପାଇଁ ରାଜ୍ୟ କୁଖ୍ୟାତି ଅର୍ଜନ କରିଚାଲିଛି । ନିଶାଦ୍ରବ୍ୟ ଚୋରା ଚାଲାଣ କ୍ଷେତ୍ରରେ ସୀମାବର୍ତ୍ତୀ ରାଜ୍ୟ ପଞ୍ଜାବ ଓ ମଣିପୁର ପରି ଓଡିଶା ନିଶା ଜାଲରେ ପଡିଛି ବୋଲି କହିଲେ ଠିକ୍ ହେବ । ମାଲକାନଗିରି, କୋରାପୁଟ, କନ୍ଧମାଳ, ଅନୁଗୁଳ, ଦେବଗଡ, ଢେଙ୍କାନାଳ ଆଦି ଜିଲ୍ଲାର ସଂରକ୍ଷିତ ଜଙ୍ଗଲଗୁଡିକ ନିକଟରେ ଥିବା ଗ୍ରାମବାସୀମାନେ ଏବେ ଧାନ ଚାଷ ଅପେକ୍ଷା ଗଞ୍ଜେଇଚାଷକୁ ଅଧିକ ପ୍ରାଧାନ୍ୟ ଦେବାରେ ଲାଗିଛନ୍ତି । ଯେତେବେଳେ ବନବିଭାଗର ଦୃଷ୍ଟିରେ ସେସବୁ ପଡୁଛି ତାହା ନଷ୍ଟ ହେଉଛି । କାରଣ ସଂରକ୍ଷିତ ଜଙ୍ଗଲଗୁଡିକ ବନବିଭାଗ ଅଧିନରେ ରହିଛି । ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନେ ଜଙ୍ଗଲ ମଧ୍ୟରେ ଚାଷକରି ଭିନ୍ନ ଭିନ୍ନ ଦଲାଲମାନଙ୍କ ସହାୟତାରେ ରାଜ୍ୟର ଭିନ୍ନ ଭିନ୍ନ ଜିଲ୍ଲାକୁ ଏବଂ ରାଜ୍ୟ ବାହାରକୁ ଏସବୁ ଚାଲାଣ କରୁଛନ୍ତି । କନ୍ଧମାଳର ଚାଷୀମାନେ କଲେଜ ପିଲାମାନଙ୍କୁ ମୋହରା କରୁଥିଲା ବେଳେ ଢେଙ୍କାନାଳ, ଅନୁଗୁଳ, ଆଦି ଜିଲ୍ଲାରେ ଟ୍ରକ ଡ୍ରାଇଭରମାନଙ୍କ ମାଧ୍ୟମରେ ରାଜ୍ୟ ବାହାରକୁ ପଠାଉଛନ୍ତି । ବିଗତ ଦିନମାନଙ୍କରେ ରାଜ୍ୟରେ ମଦବିକ୍ରି ଦଶଗୁଣ ବଢିଥିଲା ବେଳେ ଗଞ୍ଜେଇ ବିକ୍ରି ଢେର ବଢିଛି । ଦକ୍ଷିଣ ଓଡିଶାରେ ଅନେକ ସମୟରେ ଗଞ୍ଜେଇ ଚାଲାଣ ବେଳେ ଗାଡି ସହ ବେପାରୀମାନେ ଧରାପଡୁଛନ୍ତି । ସେମିତି ଭୁବନେଶ୍ୱରର ବରମୁଣ୍ଡା ଏବଂ ଖଣ୍ଡଗିରି ଅଞ୍ଚଳରୁ ଅତୀତରେ କନ୍ଧମାଳରୁ ଗଞ୍ଜେଇ ଆଣି ଯୋଗାଉଥିବା ଯୁବକ, ମହିଳା ଓ କଲେଜଛାତ୍ରମାନେ ଧରାପଡିଛନ୍ତି । ଏବେ କନ୍ଧମାଳରେ ପୋଲିସ ଜଣେ ଗଞ୍ଜେଇମାଫିଆକୁ କାବୁ କରିବା ପାଇଁ ଢେର କସରତ କରି ସଫଳତା ପାଇଛନ୍ତି ।

ରାଜ୍ୟରେ ନିଶାର ନିୟନ୍ତ୍ରଣ ପାଇଁ ସମାଜସେବୀ ସଂଗଠନଗୁଡିକ ପୂର୍ବରୁ ଉଦ୍ୟମ କରି ସଫଳ ହୋଇ ନାହାନ୍ତି । ଓଡିଶା ସରକାର ମଧ୍ୟ ଏହାକୁ କାବୁ କରିବା ପାଇଁ ଖାସ୍ ପଦକ୍ଷେପ ନେଉନଥିବା ଯୋଗୁ ରାଜ୍ୟ ବାହାରର ନିଶା ବେପାରୀମାନେ ଗ୍ରାମାଞ୍ଚଳର ଛାତ୍ର । ଯୁବକ ଏବଂ ଚାଷୀମାନଙ୍କୁ ସେମାନଙ୍କ ଜାଲରେ ପକାଇବାକୁ ସକ୍ଷମ ହେଉଛନ୍ତି । ରାଜଧାନୀର ଅନେକ ପାନ ଦୋକାନରେ କନ୍ଧମାଳର ଗଞ୍ଜେଇ ବିକ୍ରି ହେବା ସାଧାରଣ ବିଷୟ ହୋଇଛି । ଭିନ୍ନ ଭିନ୍ନ କୋଡ ନାମରେ ସେସବୁ ବିକ୍ରି କରାଯାଉଛି । ରାଜ୍ୟ ସରକାର ଯଦି ଏହାକୁ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆଗାମୀ କାଲି ରାଜ୍ୟର ଯୁବଶକ୍ତି ନିଶାରେ ଚୁର୍ ହୋଇ ନଷ୍ଟ ହେବେ ଏଥିରେ ସନ୍ଦେହ ନାହିଁ । ରାଜ୍ୟରେ ଇଞ୍ଜିନିୟରିଂ କଲେଜଗୁଡିକର ଛାତ୍ରଛାତ୍ରୀ , ଅଟୋ ଡ୍ରାଇଭର ଦିନ ମଜୁରିଆଙ୍କୁ ଗଞ୍ଜେଇ ଶସ୍ତା ହୋଇଥିବା ହେତୁ ଏହା ସେମାନଙ୍କୁ ଅଧିକ ଆକର୍ଷିତ କରୁଛି । ଗଞ୍ଜେଇର ସିଗାରେଟଗୁଡିକ ସେମାନଙ୍କ ମଧ୍ୟରେ ବ୍ଲାକସିଗାରେଟ ଭାବେ ଅଧିକ ପ୍ରଚଳିତ । ସିଗାରେଟରେ ଗଞ୍ଜେଇଭରି କିମ୍ବା ଗଞ୍ଜେଇ ସିଗାରେଟ ତିଆରି କରି ସେମାନେ ସେବନ କରୁଛନ୍ତି । ରାଜ୍ୟ ସରକାର ଗଞ୍ଜେଇର ଚାଷ,ଉତ୍ପାଦନ ଏବଂ ଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଏବେଠାରୁ ପ୍ରୟାସ କରନ୍ତୁ । ବିହାର ସରକାର ଯଦି ତାଙ୍କ ରାଜ୍ୟରେ ନିଶା ନିୟନ୍ତ୍ରଣ ପାଇଁ ଉଦ୍ୟମକରି ସକ୍ଷମ ହୋଇପାରିଲେ ତେବେ ଓଡିଶା ସରକାର ତାହା କରିବାକୁ କାହିଁକି ସକ୍ଷମ ହେବେ ନାହିଁ ତାହା ଜଣାପଡୁନାହିଁ । ହେଲେ ଚଳିତ ବଜେଟ ଅଧିବେଶନରେ ଅଧିକ ଅବକାରୀ ସଂଗ୍ରହ ଏବଂ ଅଧିକ ମଦ ଦୋକାନ ଲାଇସେନ୍ସ ଉପରେ ସରକାର ଦୃଷ୍ଟି ନିବଦ୍ଧ କରିଛନ୍ତି । ରାଜ୍ୟରେ ସରକାର ସଂପୂର୍ଣ୍ଣ ନିଶା ନିବାରଣ ଘୋଷଣା କଲେ ଅନ୍ୟ ରାଜ୍ୟରୁ ଚୋରାରେ ଆସି ନିଶାଦ୍ରବ୍ୟ ରାଜ୍ୟ ଭିତରେ ବିକ୍ରି ହେବା ସହ ରାଜ୍ୟରୁ ହଜାର ହଜାର କୋଟି ରାଜସ୍ୱ ହରାଇବାର ଆଶଙ୍କା ପ୍ରକାଶ ପାଇଛି । ଏଥିରୁ ଭବିଷ୍ୟତ ପିଢିଙ୍କ ଭାଗ୍ୟ ଯେ ବିଡମ୍ବନା ଭିତରେ ବୁଡିରହିଛି ତାହା ଆମକୁ ଜଳଜଳ ଦେଖାଯାଉଛି ଯଦି ରାଜ୍ୟ ସରକାର ରାଜସ୍ୱ ମୋହରେ ଅନ୍ଧ ନ ହୋଇ ଲୋକଙ୍କ ଧନଜୀବନ ଏବଂ ଭବିଷ୍ୟତ ପ୍ରତି ସତର୍କ ରହି କାର୍ଯ୍ୟ କରିବେ ତେବେ କିଛି ପରିବର୍ତ୍ତନ ସମ୍ଭବ ନଚେତ୍ ପରିସ୍ଥିତି ଜଟିଳ ହେବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବାୟୁ ପ୍ରଦୂଷଣର ଭୟାବହତା



ମିନତୀ ପ୍ରଧାନ

"ନମସ୍ତେ ବାୟୁ, ତ୍ୱମ ଏକ ପ୍ରତ୍ୟକ୍ଷମ ବ୍ରହ୍ମସୀ।"

*-ଉପନିଷଦ*

ଦୁନିଆର ସବୁଠାରୁ ପ୍ରାଚୀନ ଗ୍ରନ୍ଥରେ ବାୟୁକୁ ଈଶ୍ୱରଙ୍କ ସହ ତୁଳନା କରାଯାଇଛି। ବ୍ରହ୍ମ ହାତ ରୂପରେ ବାୟୁ ବିଶ୍ୱରେ ସମସ୍ତ ସଂରଚନାକୁ ଆକାର ଦେଇଥାଏ। ଆଉ ବ୍ରହ୍ମଙ୍କ ଭଳି ବାୟୁ ମଧ୍ୟ ନିରାକାର, ବାୟୁକୁ ଆମେ ଦେଖି ନ ପାରିଲେ ବି ତା'ର ଉପସ୍ଥିତିରେ ହିଁ ଜୀବନ ସମ୍ଭବ ହୋଇଥାଏ। ଆଜି ଆମ ପାଖରେ ଯେଉଁ ପାଣି, ପବନ ଉପଲବ୍ଧ ଅଛି, ତା'ର ଗୁଣାତ୍ମକ ମାନେ ଯେ କେତେ ତଳେ, ତାହା ବିଭିନ୍ନ ପ୍ରକାର ଗବେଷଣା ରିପୋର୍ଟରୁ ହିଁ ଜଣାପଡୁଛି। ସବୁଠୁ ବଡ ଓ ଦୁଃଖର କଥା, ବିଶ୍ୱର ସବୁଠୁ ଅଧିକ ପ୍ରଦୂଷିତ ୨୦ ନଗରୀରୁ ୧୩ ଆମ ଭାରତରେ ଅଛି ଏବଂ ବାୟୁ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ଆକ୍ରାନ୍ତ ଭାରତର ଶହେ ଦୁଇଟି ସହର ମଧ୍ୟରୁ ଛଅଟି ରହିଛି ଓଡ଼ିଶାରେ। ସେଗୁଡିକ ହେଲା କଟକ, ଭୁବନେଶ୍ୱର, ଅନୁଗୁଳ, ତାଳଚେର, ବାଲେଶ୍ୱର ଏବଂ ରାଉରକେଲା। ଆଉ ଆମେ ନିଜେ ଏହା ପାଇଁ ଦାୟୀ। ଆମ ପାଖରେ ସଚେତନତାର ଅଭାବ ସେତେ ବେଶି ନଥିଲେ ବି, ଆମର ବେପରୁଆପଣ ପାଇଁ ଏ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଛି। ଆଜିକାଲି ସଚେତନତା ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର 'ଦିବସ' ପାଳନ କରାଯାଉଛି। ମାତ୍ର ୩୬୫ ଦିନ ଆମେମାନେ ତାହା ଆମ ଜୀବନ ଶୈଳୀରେ ଉପଯୋଗ କରୁନାହୁଁ। ବ୍ୟକ୍ତିଗତ ସ୍ତରରେ ସମସ୍ତେ ବାୟୁ ପ୍ରଦୂଷଣର ଯେଉଁ କାରଣ ସବୁ ଅଛି, ତାହା ବିଷୟରେ ଅବଗତ ହେବା ନିହାତି ଜରୁରୀ। ତା'ଠୁ ବେଶୀ ଜରୁରୀ ତା'ର ନିରାକରଣ ବିଷୟରେ ଅବଗତ ହେବା।

ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଗୁଡିକ ହେଲା ବାହନ ପ୍ରଦୂଷଣ, ଔଦ୍ୟୋଗିକ ପ୍ରଦୂଷଣ, ପ୍ଲାଷ୍ଟିକ ଓ ରାସାୟନିକ ଦ୍ରବ୍ୟକୁ ଜାଳିବା ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ଏବଂ କୋଠା ବାଡି ଓ ରାସ୍ତା ନିର୍ମାଣ ସମୟରେ ହେଉଥିବା ବାୟୁ ପ୍ରଦୂଷଣ।

ବାହନ ପ୍ରଦୂଷଣ : ଆମ ଚାରିପାଖରେ ଗାଡି ମାନଙ୍କ ସଂଖ୍ୟା ଦିନକୁ ଦିନ ହୁ ହୁ ଭାବେ ବଢ଼ି ଚାଲିଛି। ଗତ ଦଶବର୍ଷ ଭିତରେ କଟକ ଓ ଭୁବନେଶ୍ୱରରେ ଯାନବାହନ ସଂଖ୍ୟା ପାଖାପାଖି ତିନିଗୁଣ ବୃଦ୍ଧି ପାଇଛି। ଏହାଦ୍ୱାରା ବାୟୁ ପ୍ରଦୂଷଣ ଦିନକୁ ଦିନ ବଢ଼ିଚାଲିଛି। ସର୍ବେକ୍ଷଣ ଅନୁସାରେ ସବୁ ମେଟ୍ରୋ ନଗରୀ, ଦୁଇ



ଓ ତିନି ସହର ମାନଙ୍କରେ ପାର୍କ ଟ୍ରାଫିକ ସମୟରେ ସବୁଠୁ ବେଶୀ ବାୟୁ ପ୍ରଦୂଷଣ ହେବାର ନଜିର ଅଛି। ସେତେବେଳେ ବାୟୁମାନ ସୂଚକ ସବୁଠାରୁ ରେକର୍ଡ ହୋଇଥାଏ। ଏ ବିଷୟରେ ସାମୁହିକ ସଚେତନତା ଆସିବା ଦରକାର।

ଔଦ୍ୟୋଗିକ ପ୍ରଦୂଷଣ: ଶିଳ୍ପାନୁଷ୍ଠାନ ଗୁଡିକ ଧୂଆଁ ଓ ବିଭିନ୍ନ ରାସାୟନିକ ପ୍ରଦୂଷଣ ଛାଡି ଥାଆନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ। ଶିଳ୍ପାନୁଷ୍ଠାନମାନଙ୍କ ପାଇଁ ନିର୍ଗମନର ମାନକକୁ କଠୋର କରାଯାଇ ତାହା କଡାକଡି ଭାବେ ଲାଗୁ ହେବା ଦରକାର। ପ୍ରଦୂଷଣର ସ୍ତର ହିସାବରେ ଶିଳ୍ପାନୁଷ୍ଠାନକୁ ତାରକା ନିର୍ଦ୍ଧାରଣ କରାଯାଇ ବେଶୀ ପ୍ରଦୂଷଣ କରୁଥିବା ୟୁନିଟ୍ ମାନଙ୍କର ଲାଇସେନ୍ସ ଉଚ୍ଛେଦ କରାଯିବା ଉଚିତ। ମଧ୍ୟମ ଓ କମ ପ୍ରଦୂଷଣ କରୁଥିବା ୟୁନିଟକୁ ସେମାନଙ୍କ ପ୍ରଦୂଷଣ ନିୟନ୍ତ୍ରଣରେ ରଖିବା ପାଇଁ ସେମାନଙ୍କୁ ବାରମ୍ବାର ତଦାରଖ କରାଯିବା ଉଚିତ ଓ ପ୍ରଦୂଷଣର ମାତ୍ରା ଅଧିକ ହେଲେ ଆର୍ଥିକ ଦଣ୍ଡ ଲାଗୁ ହେବା ଉଚିତ। ନିର୍ଗମନକୁ ନିୟନ୍ତ୍ରିତ କରିବା ପାଇଁ ଓଡ଼ିଶାରେ ଗତବର୍ଷ ଷ୍ଟାର ରେଟିଙ୍ଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାର ସଫଳତା ଶିଳ୍ପାନୁଷ୍ଠାନମାନଙ୍କର ପରିବେଶ ପାରଦର୍ଶିତା ଓ ଜନସଚେତନତା ଉପରେ ନିର୍ଭର କରେ।

ପ୍ଲାଷ୍ଟିକ ଓ ରାସାୟନିକ ଦ୍ରବ୍ୟ ଜଳାଣ: ଜାଣତ-ଅଜାଣତରେ ବେଳେ ବେଳେ ସଫାଇ କର୍ମଚାରୀମାନେ ପ୍ଲାଷ୍ଟିକ ଓ ଆବର୍ଜନା ଜଳାଇ ଦେଇଥାନ୍ତି। ଏହା ବହୁଳ ପରିମାଣରେ ହାନିକାରକ ଗ୍ୟାସ ସୃଷ୍ଟି କରିଥାଏ। ଆବର୍ଜନା ପୃଥକୀ କରଣ ଏବଂ ସଠିକ୍ ବିବରଣନିହାତି ଜରୁରୀ। ରାସାୟନିକ ଦ୍ରବ୍ୟ ଗୁଡିକ ବହୁତ ଯତ୍ନଶୀଳ ଭାବରେ ବ୍ୟବହାର ଓ ସୁଚିନ୍ତିତ ଭାବରେ ବିତରଣ କରିବା ଉଚିତ। ଏ ବିଷୟରେ ସର୍ବସାଧାରଣଙ୍କୁ ସଚେତନ ଓ କର୍ମଚାରୀ ମାନଙ୍କୁ ଉଚିତ ପ୍ରଶିକ୍ଷଣ ଓ ତଦାରଖ କରିବା ଦରକାର।

କୋଠା ବାଡି ଓ ରାସ୍ତା ନିର୍ମାଣ : କୋଠା ଓ ରାସ୍ତା ନିର୍ମାଣ ସମୟରେ ଏବଂ ବିଷାକ୍ତ ଧୂଆଁରେ ବହୁତ ପରିମାଣରେ ଛୋଟ-ବଡ କରିବା ତତ୍ୱ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଯାହା ବହୁଦିନ ଧରି ଭାସିବୁଲେ, ଯାହା ଇଛଓକୁ ବହୁତ ଖରାପ କରିଦିଏ। ଉକ୍ତ ଇଛଓ ମଣିଷର ସ୍ୱାସ୍ଥ୍ୟ ଉପରେ ବହୁତ ଖରାପ ପ୍ରଭାବ ପକାଇଥାଏ। ଯେପରିକି ଶ୍ୱାସ ରୋଗ, ଆଲର୍ଜି, ଚର୍ମରୋଗ, କର୍କଟରୋଗ ଇତ୍ୟାଦିକୁ ଜନ୍ମ ଦିଏ ଓ ପୂର୍ବରୁ ଥିବା ରୋଗକୁ ଗମ୍ଭୀର କରିଦିଏ। ବାୟୁ ପ୍ରଦୂଷଣ ମଣିଷର ଆୟକୁ କମ କରିଦିଏ। ଚିକାଗୋ ବିଶ୍ୱବିଦ୍ୟାଳୟର ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ରିପୋର୍ଟ ଅନୁସାରେ, ବାୟୁରେ କଣିକା ତତ୍ତ୍ୱର ବହୁଳ ଉପସ୍ଥିତି କଟକ ଭୁବନେଶ୍ୱର ଭଳି ସହରରେ ହାରାହାରି ପରମାୟୁକୁ ଦୁଇବର୍ଷ ସାତ ମାସ କମାଇ ଦେଇଛି।

ବାୟୁ ପ୍ରଦୂଷଣର ଭୟାବହତା ଯେ କେତେ, ତାହା ପ୍ରତ୍ୟେକ ମଣିଷ ହୃଦୟଙ୍ଗମ କରି ନିଜ ସ୍ତରରେ ଏହାକୁ କେମିତି କମ କରାଯିବ, ସେଥିପାଇଁ ପଦକ୍ଷେପ ନେବା ଜରୁରୀ। ଜନ ସଚେତନତା ବଢ଼ାଯାଇ ପାରିଲେ ତାହା ଏକ ବିପ୍ଳବର ରୂପ ନେଇପାରିବ। ଏହା ପାଇଁ ପ୍ରଦୂଷଣ ଓ ଏହାର ପ୍ରଭାବ ଉପରେ ହେଉଥିବା ଗବେଷଣା ଓ ରିପୋର୍ଟ ଲୋକଙ୍କ ପାଖରେ ଉପଲବ୍ଧ କରାଇବା ଜରୁରୀ। ଶେଷରେ ଏତିକି କୁହାଯାଇ ପାରେ, ଯଦି ଏବେ ଆମେ ସଚେତନ ନହେଉ, ବହୁତ ଡେରି ହୋଇଯିବ। ଆମ ଏଇ ସୁନ୍ଦର ପୃଥିବୀ ଓ ଜୀବଜଗତ ଅବିଳମ୍ୱେ ଧ୍ୱଂସ ହୋଇଯିବ। ସଭିଏ ହାତ ମିଳାଇଲେ ଏହି ପ୍ରଦୂଷଣ ନାମକ ରାକ୍ଷସର ମୁକାବିଲା ହୋଇପାରିବ।

*ସୁରଭି ଆପାର୍ଟମେଣ୍ଟସ,*
*ରାଙ୍କା କଲୋନୀ ରୋ.*
*ବେଙ୍ଗାଲୁରୁ*

# ଇ-ମେଲ୍



**ସୁକାନ୍ତି ରାଉତ**

ଅନେକ ବର୍ଷ ପରେ ଅବିନାଶଙ୍କର ମେଲ୍। ଡେଲି ଅନୁଭା ଇନ୍ ବକ୍ସରେ ଆସେ ୨୦୦ରୁ ଅଧିକ ମେଲ୍। ସେସବୁ ଗୋଟି ଗୋଟି ଓପନ୍ କରି ପଢ଼ିବା ଆଉ ରିପ୍ଲାଏ ଦେବା କୌଣସି ଏକ ଜଟିଳ ଜ୍ୟାମିତି ଠାରୁ ନିଶ୍ଚୟ କଷ୍ଟକର। ଆଉ ରିପ୍ଲାଏ ନ ହେଲେ କିଛି ମୁହଁ ଫୁଲେଇ କଥାବାର୍ତ୍ତା ବନ୍ଦ କରିଦିଅନ୍ତି ତ ଆଉ କିଛି ଆଜିକାଲି ଅନୁଭା ଖୁବ୍ ସ୍ୱାର୍ଥପର ହୋଇଗଲାଣି ପରେ ଟିପ୍ପଣୀ ବି ଦେଇଥାନ୍ତି। ଆସିଥିବା ମେଲ୍ ଭିତରେ ଦେଶର ଅର୍ଥନୈତିକ ଅବସ୍ଥା ଠାରୁ ଆରମ୍ଭ କରି ରାଜନୀତି, ମି ଟୂ ଅଭିଯାନ, ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ, ଜେଏନ୍ୟୁରେ ଏଥର ନିର୍ବାଚନରେ ଖଳନାୟକଙ୍କ ଖେଳ ଜମିବ ବୋଲି ଜୋକର ଅନିଦ୍ୟର ତାଚ୍ଛଲ୍ୟପୂର୍ଣ୍ଣ ମେଲ, ଧର୍ଷଣଜନିତ ଖବର, ୨୦୧୯ରେ କିଏ ହେବ ପ୍ରଧାନମନ୍ତ୍ରୀ, ଦୁର୍ଘଟଣାରେ ଶିକାର ହୋଇ ପିଲାଦିନର ବନ୍ଧୁଙ୍କ ମୃତ୍ୟୁ ଆଦି ଖବର ଭିତରେ ଥାଏ କିଛି ସାହିତ୍ୟପ୍ରେମୀ ପାଠକ ଏବଂ ଲେଖକଙ୍କ ଶ୍ରଦ୍ଧା ଓ ଶୁଭେଚ୍ଛା।


ଅବିନାଶ ଗର୍ଗ। ୪୦ ବର୍ଷ ତଳେ ଏଇ ମସୌରୀରେ ଭେଟ ହୋଇଥିଲା ଆଇଏଏସ୍ ଟ୍ରେନିଂ ସମୟରେ। କହିବାକୁ ଗଲେ ଏଇଟି ହିଁ କନ୍ୟାପିତାମାନେ ଭିଡ଼ ଜମାନ୍ତି ଆଇଏଏସ୍ ଜ୍ୱାଇଁଙ୍କୁ ପାଇବା ସ୍ୱପ୍ନରେ। ବିକ୍ରି ହୋଇଯାଆନ୍ତି ଆଇଏଏସ୍‌ମାନେ ନେତା, ମନ୍ତ୍ରୀ ଆଉ କୋଟିପତିଙ୍କ କୋଟି କୋଟି ଟଙ୍କା ବିନିମୟରେ।

ଅବିନାଶ ଗର୍ଗ ଅଲ୍ ଇଣ୍ଡିଆ ର୍ୟାଙ୍କରେ ସେବର୍ଷ ୧୩ରେ ଥିଲେ। ଅବିନାଶ ଆଇଏଏସ୍ ପାଇବା ପୂର୍ବରୁ ନିଜର ପରିଚୟ ସୃଷ୍ଟି କରିସାରିଥିଲେ ଆଉ ଆଇଏଏସ୍ ପାଇବା ପରେ ସମ୍ପୂର୍ଣ୍ଣ ଭାବେ ସେ ପରିଚୟକୁ ଆଢ଼େଇ ଦେଇ ମସୌରୀର ଟେନିଂ ସମୟରେ ପଡ଼ିଗଲା ପ୍ରେମରେ ତାଙ୍କରି ବ୍ୟାଚର ଦୀପ୍ତିଶିଖା ସହିତ।

ଗୋଟେ ସମୟ ଥିଲା ଅନୁଭା ଆଉ ଅନିବାଶ ଦୁହେଁ ଦୁହିଁଙ୍କର ପରିପୂରକ ଥିଲେ। ଅବିନାଶ ଭଲ ଚିତ୍ର ଆଙ୍କେ ଆଉ ଅନୁଭା ବେଶ୍ ଭଲ ଗୀତ ଗାଏ। ସେବର୍ଷ କଲେଜର ଆନୁଆଲ ଫଙ୍କସନ୍‌ରେ ଶ୍ରେଷ୍ଠ ଚିତ୍ରକର ପୁରସ୍କାର ଅବିନାଶ ଆଉ ଶ୍ରେଷ୍ଠ କଣ୍ଠଶିଳ୍ପୀ ପୁରସ୍କାର ଅନୁଭାଙ୍କୁ ମିଳିଥିଲା। ପୁରସ୍କାର ଗ୍ରହଣ କରିବା କେଇ ମିନିଟ୍ ପରେ ଉଭୟ ଉଭୟଙ୍କୁ ଶୁଭେଚ୍ଛା ଜଣାଇଲେ ଆଉ ଏଇଠୁ ଆରମ୍ଭ ହେଲା ପ୍ରେମ।

ଦୁହେଁ ଉଡ଼ିବୁଲିଲେ ଅଜଣା ଦୁନିଆରେ। ସ୍ୱପ୍ନ ଦେଖିଲେ ରାଜା-ରାଣୀର। ପାହାଡ଼ ଉପରେ ଘର କରି ନୀଡ଼ ରଚନା କରିବାକୁ ଶପଥ ନେଲେ। ସବୁ ଦିନ ପରି ସେଦିନ ବି କଲେଜର କ୍ଲାସ ସରିବା ପରେ ସାଇନ୍ସ ବ୍ଲକ୍‌ରେ ଥିବା ସିମେଣ୍ଟ ବେଞ୍ଚ ଉପରେ ବସି ଅନୁଭାଙ୍କୁ ପ୍ରଶ୍ନ କରିଥିଲେ ଅବିନାଶ- ଯଦି ମୋତେ ଭଲପାଅ ଆଉ ବିବାହ କରିବାକୁ ଚାହୁଁଥାଅ ତେବେ ମୋ କଥା ମାନିବାକୁ ପଡ଼ିବ ଆଉ ଆଜି ଶପଥ କରିବାକୁ ପଡ଼ିବ। ଆଶ୍ଚର୍ଯ୍ୟ ଆଉ ଚକିତ ହୋଇ ଅନୁଭା କହିଲା-ମୁଁ ତମକୁ ଭଲପାଏନାହିଁ ବୋଲି ତମର କ'ଣ କିଛି ସନ୍ଦେହ ଅଛିନା କ'ଣ ? ଅନୁଭାର ହାତଟା ଠେଲି ଦେଇ ଅବିନାଶ କହିଲା- ନା, ସନ୍ଦେହ ନାହିଁ କିନ୍ତୁ ଶପଥ କରିବାକୁ ପଡ଼ିବ। ଆଜିକାଲି ଝିଅଙ୍କ କଥାରେ କୋଉ ଭରସା ଅଛି ଯେ ! ତେବେ ତମେ କ'ଣ ମୋତେ ଅନ୍ୟ ଝିଅଙ୍କ ସହିତ ତୁଳନା କରିପାରୁଛ ! ନାଇଁ ଅନୁଭା, ତମେ ମୋତେ ଭୁଲ୍ ବୁଝୁଛ-ଆଉ କିଛି ଦିନ ପରେ ମୁଁ ସିଭିଲ୍ ସର୍ଭିସ ପ୍ରିପାରେସନ ପାଇଁ ଦିଲ୍ଲୀ ଚାଲିଯିବି। ତମ ସହିତ କେବେ ଦେଖା ହେବ ସେକଥା କିଏ ଜାଣେ ? ତା ପରେ ପୁଣି ତମର ଯେଉଁଭଳି ଗୋଟେ ରକ୍ଷଣଶୀଳ ପରିବାର, ସେଠାରେ ତମକୁ ଆସିବାକୁ ହଜାରେ ବାରଣ। ନା, ଅବିନାଶ, ସୂର୍ଯ୍ୟ ବିପରୀତ ଦିଗରେ ଅସ୍ତ ହେଲେ ବି ମୋ ମନ ଆଉ ପ୍ରେମ ହିଁ କେବଳ ତମର। ମୁଁ ସେଇ ରକ୍ଷଣଶୀଳ ପରିବାର ବାଡ଼ ବନ୍ଧ ଭିତରେ ଥାଇ ତମକୁ ନିଶ୍ଚୟ ଅପେକ୍ଷା କରିବି ତମେ ଆଇଏଏସ୍ ପାଇବା ପର୍ଯ୍ୟନ୍ତ। ଏଇ ବିଶ୍ୱାସ ରଖ ମୋ ଉପରେ। ଶପଥ କ'ଣ ମନର ବିଶ୍ୱାସ ଠାରୁ ଊର୍ଦ୍ଧ୍ୱରେ କି ? ଆମେ ହିଁ ତିଆରି କରିଛନ୍ତି-ଶପଥ । କିନ୍ତୁ ଶପଥ କଲେ ବି ସେ ଶପଥ ବି ଭାଙ୍ଗିଦେବିନି ବୋଲି ତମର କ'ଣ ବିଶ୍ୱାସ ରହିଛି ? ନାଇଁ ଅନୁଭା ତମକୁ ମୋ ମଥା ଛୁଇଁ ଶପଥ କରିବାକୁ ପଡ଼ିବ। ହଉ ତେମେ କୁହ କ'ଣ ତମର ସେ ଶପଥ।

ଅବିନାଶ ଅନୁଭାର ହାତକୁ ନିଜ ଜଙ୍ଘରେ ରଖି କହିଲା-ତମେ ଆଉ କେବେ ଷ୍ଟେଜ୍‌ରେ ଯେମିତି ଗୀତ ଗାଇବନି। ମୁଁ ଚାହେଁନା, ମୋ ପତ୍ନୀ ଯିଏ ହେବ ସେ ଏମିତି ଶହ ଶହ ଲୋକଙ୍କ ଆଗରେ ନିଜର ଚେହେରା ଦେଖାଉ। ମୋ ସ୍ତ୍ରୀ ଯିଏ ହେବ ସେ କେବଳ ମୋର ହୋଇ ଚିରକାଳ ରହିବ। କେହି ଲୋକ ତାକୁ ଯେମିତି କହିବେନି ଷ୍ଟେଜରେ ସେ ଗୀତ ଗାଉଛି। ପୁରୁଷ ଶିଳ୍ପୀରଙ୍କ ସହି ଡୁଏଟ୍ ଗୀତ ବି ଗାଉଛି। କେହି ତା ଚରିତ୍ର ଉପରେ ଯେପରି ଆଙ୍ଗୁଳି ନିକ୍ଷେପ ନ କରନ୍ତି। ସେଥିପାଇଁ ଏ ଶପଥ ମୁଁ ତମକୁ କରାଇବାକୁ ବାଧ୍ୟ ହେଲି। ଆଶା କରୁଛି ତମେ ଭୁଲ୍ ବୁଝିବନି। ଠିକ୍ ଅଛି, ତମ ପାଇଁ ମୋ ଜୀବନର ଯେଉଁ ସ୍ୱପ୍ନ ଦେଖିଥିଲି ତାକୁ ବି ଏଇଟି ସମାଧି ଦେଲି। ତମ ଖୁସିରେ ମୋ ଖୁସି। ଆଜି ପରେ ହୁଏତ ଆଉ କାଲି ଠାରୁ ତମ ସହିତ ଦେଖା ହୋଇ ନ ପାରେ। ତମେ ତ ଜାଣ ଘରେ ବାପାଙ୍କର କେତେ ତାଗିଦ୍ ମୋ ପାଠପଢ଼ାକୁ ନେଇ। ତମେ ଦିଲ୍ଲୀରୁ ଫେରିଲେ ଯେମିତି ହେଲେ ବାପାଙ୍କୁ ବୁଝାଇ ଆମ ବାହାଘର କରାଇବ। ତମେ କୌଣସି ଏକ ଭଲ ନିଯୁକ୍ତି ନ ପାଇଲେ ବାପା ତମକୁ ବି ମୋତେ ଦେବେନି ଆଉ ମୁଁ ବାପାଙ୍କୁ ଛାଡ଼ି ତମ ପାଇଁ ଘର ଛାଡ଼ିବି ନାହିଁ, ସଙ୍ଗୀତକୁ ଛାଡ଼ି ଦେବି, ସେଇଟା ବାପାଙ୍କୁ କହି ମୁଁ ନିଜେ ମନେଇ ଦେବି। ଏତକ କହିସାରିବା ବେଳକୁ ଗୋଟାପଣେ ଲୁହରେ ଭିଜିଯାଇଥିଲା ଅନୁଭା। ତା ପରେ ବିଦାୟ ନେଇଥିଲା ଅବିନାଶଠୁଁ।



ଏହା ଭିତରେ ବିତିଗଲାଣି ୨ ବର୍ଷ। ଅନିନାଶର ଚିଠି ନାହିଁ କି କିଛି ଖବର ବି ନାହିଁ। ଭାବିଲା ପଢ଼ାପଢ଼ିରେ ବ୍ୟସ୍ତ ଥାଇ ଅବିନାଶ ଚିଠି ଦେଉନାହାନ୍ତି। ଚାକିରି ନ କଲେ ମୋତେ ବିବାହ କରିବା ସମ୍ଭବ ନୁହେଁ। ଅବିନାଶଙ୍କୁ ଯେତେ ମେଲ୍ କଲେ ବି ଉତ୍ତର ମିଳେନି। ଥରେ ଥରେ ଖୁବ୍ ଚିଡ଼ିଯାଏ ମନକୁ ମନ। କି ପାଠ ପଢୁଛନ୍ତି ଯେ, ଚିଠି ଲେଖିବାକୁ ଟାଇମ ନାହିଁ, ମେଲ୍ ଚେକ୍ କରିବାକୁ ସମୟ ନାହିଁ। ଥରେ ଥରେ ରାତି ରାତି ବିନିଦ୍ର କଟାଏ ଆଉ ନ୍ୟୁଟନ୍‌ଙ୍କୁ ଗାଳି ଦିଏ। କାହିଁକି କେଜାଣି ସେ କହିଥିଲେ-ତମେ ଯାହାକୁ ଯେତେ ପରିମାଣରେ ମନେ ପକାଇବ, ସେ ବି ତମକୁ ସେତିକି ପରିମାଣରେ ମନେ ପକାଇବ। ବୈଜ୍ଞାନିକମାନେ ବି ଏମିତି ଆବିଷ୍କାର କାହିଁକି କେଜାଣି କରନ୍ତି !

ଗାଁରେ ଝିଅମାନଙ୍କୁ ଅଧିକ ବୟସ ଯାଏ ରଖିଲେ ସାହିପଡ଼ିଶା ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁ କଟାକ୍ଷ କରନ୍ତି। କେତେବାର ନିଜେ ଶୁଣିଛି-ଝିଅର ତ ପାଠପଢ଼ା ସରିଗଲା, ବାହା ନ କରାଇ କାହିଁକି ବୁଢ଼ୀ କରାଉଛନ୍ତି ? ଆଉ କେହି କେହି କହନ୍ତି ଝିଅ ବୋଧେ କାହାକୁ ଭଲପାଉଛି କି କ'ଣ ? ଦିନକୁ ଦିନ ଦମ୍ଭ ଆଉ ସାହସ ମୋର ଭାଙ୍ଗିଯାଉଥାଏ। ଯାହା ପାଇଁ ଦମ୍ଭର ସହିତ ଏତେ ଭରସା କରି ଅପେକ୍ଷା କରିଛି, ତାଙ୍କର କିଛି ଖବର ନାହିଁ।

ବୋଉର ତାଗିଦ୍ ତଳ ସାହି ରାଧାମାଧବ ସାରଙ୍କ ପୁଅ ବାଙ୍ଗାଲୋରରେ ଇଞ୍ଜିନିୟର ଅଛି। ଭଲ ପିଲାଟିଏ। ଏଥିରେ ରାଜି ହୋଇଯିବୁ। ଆଉ ମନା କରିବୁ ନାହିଁ। ଆଖିରେ ଲୁହ ଆପେ ଆପେ ଆସିଯାଉଥାଏ। ସ୍ଥିର କଲି ବାପାଙ୍କୁ ତ ସାମନା କରିପାରିବି ନାହିଁ। ବୋଉକୁ କହିଦେବି, ସାରା ଜୀବନ ମୁଁ ଏକୁଟିଆ ବଞ୍ଚିପାରିବି। ବାହାଘର ଜରୁରୀ ନୁହେଁ। ବୋଉକୁ ଖୁବ୍ ସାହସ କରି କହିଲି-ବୋଉ ରାଜି ହେଲାନି। କହିଲା-ତୋ ବାପାଙ୍କୁ ମୁଁ ଏକଥା କହିପାରିବି ନାହିଁ। ସେ ବହୁତ ରାଗୀ ଆଉ ସ୍ପଷ୍ଟବାଦୀ। ରାଧାମାଧବ ସାର୍‌ଙ୍କୁ କଥା ଦେଇସାରିଛନ୍ତି। ତୁ ମନାକଲେ ଘରେ ସେ ପରିସ୍ଥିତି ଭୟଙ୍କର କରିଦେବେ।

ଅନୁଭା ବାପାଙ୍କୁ ଖୁବ୍ ସମ୍ମାନ ଦିଏ ଆଉ ଭଲ ବି ପାଏ। ତେଣୁ ବାପାଙ୍କ ସାମନାରେ କୌଣସି କଥା ଖୋଲି କହିବାର ଯୁ ନ ଥିଲା। ବୋଉ ପାଖେ ଏତକ କହିଥିଲା-ବୋଉ ଅବିନାଶଙ୍କୁ ମୁଁ ଭଲପାଏ ଆଉ ତାଙ୍କୁ ବାହାହେବାକୁ କଥା ଦେଇଥିଲି। ତାଙ୍କ ପାଇଁ ହିଁ ସଂଗୀତ ଛାଡ଼ିଥିଲି। ଅବିନାଶ ତ କୁଆଡ଼େ ଗଲେ ତାଙ୍କର କୌଣସି ଖବର ମୋ ପାଖେ ନାହିଁ। ଭାରତୀୟ ନାରୀ କାୟମନୋବାକ୍ୟ ଯାହାକୁ ଭଲପାଇଥାଏ, ସେଇ ହିଁ ତାର ଭଗବାନ, ସେଇ ହିଁ ତାର ସ୍ୱାମୀ। ବିବାହ ଖାଲି ଈଶ୍ୱରଙ୍କୁ ସାକ୍ଷୀ ରଖି କରାଯାଏ। ତେଣୁ ମୁଁ ମନେ ମନେ ଅବିନାଶଙ୍କୁ ବିବାହ କରିସାରିଛି। ଆଉ ପୁଣି ବର ଖୋଜା କାହିଁକି ଯେ !

ମୁଁ ଜାଣେ ବୋଉ ସମାଜରେ ବାପାଙ୍କର ଖୁବ୍ ପ୍ରତିଷ୍ଠା। ମୋର ଏମିତି କାର୍ଯ୍ୟ ବାପାଙ୍କୁ ଖୁବ୍ କଷ୍ଟ ଦେବ ଆଉ ଏକଥା ବି ଜାଣେ ବାପା ମୋତେ ଖୁବ୍ ଭଲପାଆନ୍ତି। କାହାରିଙ୍କ ସମ୍ମାନରେ ଆଞ୍ଚ ଆସିଲା ଭଳି କାର୍ଯ୍ୟ ମୁଁ କରିବି ନାହିଁ। କିନ୍ତୁ ବୋଉ ତୁ ମୋର କେତେ ଅଳି ଅର୍ଦ୍ଦଳି ସହିଛୁ, ଆଜି ବି ଏଇ ଛୋଟିଆ ଅଳିକୁ ରଖିବୁ ବୋଲି ମୋର ବିଶ୍ୱାସ। ସାରା ଜୀବନ ବିବାହ କରିବିନି ବୋଲି ନିଷ୍ପତ୍ତି ନେଇଛି।

ଅନୁଭାର ବୋଉ ଆଶ୍ଚର୍ଯ୍ୟ ଏବଂ ଚକିତ। ଅନୁଭାକୁ ଯେତେ ବୁଝାଇଲେ ବି ସେ ତା' ନିଷ୍ପତ୍ତିରୁ ଓହରିଲାନି। ଶେଷରେ ଘର ଛାଡ଼ି ଅନୁଭା ଆସିଲା ଆଶ୍ରମକୁ। ସେଇ ଦିନରୁ ଏଠାରେ ଏକ ପରିବାର ପରି ଜୀବନ ବିତାଇ ଆସୁଛି। ଅନେକ ବର୍ଷ ପରେ ତା ଜି-ମେଲରେ ଅବିନାଶର ମେଲ୍। ମେଲରେ ୪ ପୃଷ୍ଠାର ଏକ ଚିଠି। ତାହା ପୁଣି ହାତରେ ଲେଖି ମୋବାଇଲରେ ଫଟୋ ଉଠାଇ ପଠାଇଛି। ଟିକେ ରହିଗଲା ମେଲକୁ କ୍ଲିକ୍ କରିବା ପୂର୍ବରୁ। ବହୁତ ଭାବିଚିନ୍ତି ମେଲକୁ ଓପନ କଲା। ପଢ଼ିଲା ସବୁତମ ପୃଷ୍ଠା।

ଅନୁଭା, ମୁଁ ଜାଣେ ତମେ ମୋ ବିନା କେତେ କଷ୍ଟରେ ଜୀବନ ବିତାଉଥିବ। ତମେ ତମ ଜୀବନଠାରୁ ବେଶୀ ମୋତେ ଭଲପାଉଥିଲ, ତା ନ ହୋଇଥିଲେ ସେଦିନ କୌଣସି ଯୁକ୍ତି ନ କରି ମୋ ପାଇଁ ତମ ଜୀବନର ଲକ୍ଷ୍ୟକୁ ବଦଳାଇ ପାରିଥାନ୍ତ ବି କେମିତି। ସଂଗୀତ ଆଉ ଜୀବନ ପରିପୂରକ। ସଂଗୀତ ବିନା ତମର କିଛି ସ୍ଥିତି ନାହିଁ ବୋଲି ତମେ ହିଁ ମୋତେ ଅନେକ ବାର କହିଛ, ଅଥଚ ମୋର ସାମାନ୍ୟ କଥାରେ ତମେ ସଂଗୀତକୁ ଛାଡ଼ିଦେଲ। ତମ ପରି ଝିଅ କ୍ୱଚିତ୍ ଭାଗ୍ୟବାନ ପୁଅଙ୍କୁ ମିଳେ ଆଉ ସେଇ ଭାଗ୍ୟମାନ ଭିତରୁ ମୁଁ ଜଣେ। ତମ ପରି ଝିଅକୁ ଛାଡ଼ି ଆଇଏଏସ୍ ପାଇବା ପରେ ଆଇଏଏସ୍‌କୁ ବାହାହେଲି, ସବୁ ତମ ଅଜଣାରେ। ତମ ସହିତ ମୋର ବାହାଘର ହେବ ବୋଲି ଆମ ଅଞ୍ଚଳରେ ସବୁ ଜାଣିସାରିଥିଲେ। ଯେବେ ଶୁଣିଥିବ ତମ ମନର ଦେବତା ଆଉ କାହାର ଦେବତା, ତମକୁ କେମିତି ଲାଗିଥିବ, ତାହା ମୁଁ ଏବେ ଅନୁଭବ କରିପାରୁଛି। ଦିନ କେଇଟା ପରେ ମୁଁ ଡେପୁଟେସନରେ ଗଲି। ଆଉ ଫେରିଲାବେଳକୁ ସ୍ତ୍ରୀ ମୋର ଆଉ ସେ ଆଉ କାହାର ସ୍ତ୍ରୀ ହୋଇଯାଇଛି। ଆଉ ମୁଁ ଅଯଥା ବିବାଦକୁ ନ ବଢ଼ାଇ, ସେ ଯେଉଁଠିରେ ଖୁସି, ସେମିତିରେ ରହିବାକୁ ଛାଡ଼ିଦେଲି। ଆପୋଷ ବୁଝାମଣାରେ ଉଭୟେ ଉଭୟଙ୍କ ଠାରୁ ଆଇନଗତ ଅଲଗା ହେଲୁ। ଏବେ ମୁଁ ସମ୍ପୂର୍ଣ୍ଣ ଭାବେ ଏକା ଏକା ଜୀବନ ବିତାଉଛୁ। ଅନେକ ବର୍ଷ ପରେ ମୋର ଅନୁଭବ ହେଲା କି ମୁଁ ତମ ପ୍ରତି ଅନେକ ଅବହେଳା କରିଛି। ଯାହାକୁ ତମେ କେବେ ବି କ୍ଷମା ଦେବନି। ମୁଁ ଜାଣେ ମୋ ମେଲ ବି ତମେ ପଢ଼ିବ କି ନାହିଁ ସନ୍ଦେହ। ପଢ଼ିଲେ ବି ଘୃଣାରେ ରାଗ ଆସିବ ମୋ ପ୍ରତି। ତମେ ଯେବେ ମୋତେ ବିବାହ କରିବ ବୋଲି ପ୍ରଥମେ କହିଥିଲ-ମୁଁ ତମକୁ ବୁଝାଇ ଥିଲି ବିବାହ ବି ଭାଗ୍ୟରେ ଲେଖା। ତମ ପ୍ରେମ ଯଦି ସତ୍ୟ ନିଶ୍ଚୟ ଆମେ ପରସ୍ପରକୁ ପାଇବା। କିନ୍ତୁ ମୁଁ ହୋଇଗଲି ସ୍ୱାର୍ଥପର। କିନ୍ତୁ ବିଶ୍ୱାସକର, ତମକୁ ମୁଁ କେବେ ଅନ୍ତରରୁ ଦୂରେଇ ପାରିନି। ମୁଁ ଜାଣେ, ମୋ ମେଲ୍‌ର ଉତ୍ତର ତମେ ଦେବନି। କାହିଁକି ତମ ଠାରୁ ଦୂରେଇ ଗଲି, ତାହାର କାରଣ ମୁଁ ନିଜେ ବି ଜାଣେନି। ଗୋଟେ ସମୟ ଥିଲା, ତମେ ଘର ଠାରୁ ଲୁଚି ପାଖ ବଜାରକୁ ଆସି ମୋତେ ଚିଠି ପୋଷ୍ଟ କରୁଥିଲ। ଅନେକ ଦିନ ପରେ ତମ ଭାଇ ତମର ମେଲ ଆଇଡ଼ି ଖୋଲିଦେଲା ଆଉ ସେଇ ମେଲରେ କେବଳ ମୋତେ ମେଲ କରୁଥିଲ। ମୁଁ ତମଠୁ ଦୂରେଇ ଆସିବା ପରେ ହିଁ ତମେ ଜୀବନ କ'ଣ ବୁଝିଲ। ଆଉ ଅନେକ ସଂଘର୍ଷ କରି ନିଜେ ପ୍ରତିଷ୍ଠିତ ହେବାକୁ ଚେଷ୍ଟା କଲ। ଆଶା କରୁଛି, ମୋ ମେଲର ଉତ୍ତର ଦେବ। ତମକୁ ଉତ୍ତର ପାଇଲେ ଜାଣିବି, ତମର ମୋ ଉପରେ କୌଣସି ରାଗ ନାହିଁ, ଅଛି ଅନୁରାଗ ଆଉ ଉତ୍ତର ନ ପାଇଲେ ଜାଣିବି, ପ୍ରେମ ନୁହେଁ, ଘୃଣା ରହିଛି।


ଅନୁଭା ପଢ଼ିଥିଲା ତନ ତନ କରି ମେଲକୁ। ଥରେ ନୁହେଁ, ଦୁଇ ଥର। ପଢ଼ିସାରି ଉତ୍ତର ବି ଦେଇଥିଲା- ନାଇଁ ଅବିନାଶ, ସମୟ ଚକ୍ରରେ ତମେ ବଦଳିଗଲ ଆଉ ମୁଁ ପାରିଲିନି। ଆଘାତ, ପ୍ରତାରଣାକୁ ଧରି ତମାମ ଜୀବନ ତମରି ଅପେକ୍ଷାରେ ତଥାପି ଥିଲି। ମୋର ବିଶ୍ୱାସ ଥିଲା- ତମେ ନିଶ୍ଚେ ଫେରିବ। କିନ୍ତୁ ମୋର ବୟସ ବଢୁଥିଲା ଆଉ ଘରେ ବିବାହ ପାଇଁ ଉଚ୍ଛନ୍ନ ହେଉଥିଲେ। ବଢ଼ିଲା ଝିଅକୁ କେତେଦିନ ବା ଆଉ ରଖିପାରିଥାନ୍ତେ। ମୋର ତମ ଛଡ଼ା ପୃଥିବୀର ଆଉ କୌଣସି ପୁଅ ପ୍ରତି ପ୍ରେମ ଏ ଜନ୍ମରେ ଆସି ନଥାନ୍ତା। ସେଥିପାଇଁ ନିଜ ଜୀବନର ସ୍ୱପ୍ନକୁ ପୋଡ଼ି ପାଉଁଶ କରିଦେଇ ଏମିତି ଏକ ଜୀବନ ବିତାଉଛି। କିଛି ସମୟ ଆଶ୍ରମ ପିଲାଙ୍କ ସହିତ କାଟିଦେଲା ପରେ ଆଉ କିଛି ସମୟ ଗପ କବିତା ଲେଖାରେ ବିତିଯାଏ । ତମ କଥା ଭାବିବାକୁ ମୋତେ ସମୟ ମିଳେନାହିଁ କି ମୁଁ ଜାଣି ଜାଣି ତମକୁ ମନେ ନ ପକାଇବାକୁ କାର୍ଯ୍ୟରେ ବ୍ୟସ୍ତ ରହେ । ଯେତେ ଥର ପ୍ରତିଜ୍ଞା କରେ ତମକୁ ଖୋଜିବିନି, ଲୋଡ଼ିବିନି, ତମେ ସେତିକି ଥର ମୋତେ ଅଧିର କରାଅ, ଆନାମନା ହୋଇଯାଏ ମୁଁ, ଜାଣେନା କାହିଁକି ନିଅଣ୍ଟ ପଡ଼େ ତମ ପାଖେ ମୋର ସବୁ ଅଭିମାନ, ରାଗ, ରୁଷା ଆଉ ପ୍ରଣୟ। ଏମିତିକା ରାତି କାହିଁ ମୋ ପାଇଁ ଆସିନି ଯେଉଁ ରାତିରେ ତମେ ମୋତେ ନିଦରୁ ଉଠାଇନାହିଁ ଥରେ ନୁହେଁ ଶହସ୍ରବାର ମନକୁ ବୁଝାଏ, ଏଥର ମୋକ୍ଷକୁ ବରିନେବି କିନ୍ତୁ ମୁଁ ଶହସ୍ରବାର ପୁଣି ସଂସାର ମୋହରେ ଛନ୍ଦି ହୁଏ। ବିଲକୁଲ ଭୁଲି ପାରେନି। ହେଲେ ସେମିତି କିଛି ବି ହୋଇପାରେନି। ଏବେ ବି ମୋ ମନତାନପୁରାରେ କେବେ କେବେ ତମ ସ୍ୱର ଆପଣାଛାଏଁ ଭାସିଆସେ। ତମ ଉପରେ କାହିଁକି ବା ରାଗିବି। ଏଇ ବୟସରେ କ'ଣ ରଗାଯାଇପାରେ। ତା' ଛଡ଼ା ତମେ ତ ଜାଣ ମୁଁ ରାଗିଲେ ଅତିବେଶୀରେ ଗୋଟାଏ ଦିନ। ଏତକ ହିଁ ଲେଖି ଇ-ମେଲ ସେଣ୍ଡ କରିଥିଲା ଅନୁଭା।

*ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼,*
*ଜି-କେନ୍ଦୁଝର-୨୧*
*ଦୂରଭାଷ: ୮୮୯୫୩୦୪୫୫୬*

# ଯଥେଷ୍ଟ, ତୁମେ ଅଛ



**ଗଜାନନ ମିଶ୍ର**



କିଏ କାହାର ଶତ୍ରୁ ?
କ'ଣ ପାଇଁ ଶତ୍ରୁ ?
ଧେତ୍ ତେରିକି,
ଏ ଶତ୍ରୁ ଶତ୍ରୁ କବଜାରୁ
ରକ୍ଷା କର ପ୍ରଭୁ !
ଯାର ଅର୍ଥ ନୁହଁ
ମୁଁ ଚାହେଁ କାହାର
କେମିତି ମିତ୍ର ହେବାକୁ।

କଣ ନାଇଁ ମୋ ପାଖରେ କି !
ଗଜ ଅଶ୍ୱ ସୂର୍ଯ୍ୟ
ଶବ୍ଦ ଢୋଲ ଶଙ୍ଖ ଅନ୍ଧାର !
ବାମକୁ ଡାହାଣ ବି
ନ ମାପୁଛି ନୁହଁ।
ଥରକୁ ଥର ଦେଖି
ପୃଥିବୀର ରୂପ
ହେଉଛି ବି ଆଶ୍ଚର୍ଯ୍ୟ।

ମାୟାଧାରୀ ସମୟ,
ଆହୁରି ଆହୁରି ଶୋଭାମୟା
ଯୋଡ଼ା ହେଉଛି କାହାଠି କଣ !
ଛଡା ହେଉଛି କାହାଠୁ କଣ !
ଉପାୟ ଦିଶୁ ନ ଜାଣିବାର
କଲେ ବି ଯେତେ
ମିଣାଣ ଫେଡାଣ
ଗୁଣନ ହରଣ।

ସାଧ ହେଉ ନି ଶବ୍ଦ,
ସାଧ ହେଉ ନି ମନ।
ପୁଣି ପାଣି ପୁଣି ପବନ
ଶଙ୍କା ପଶେଇବାରେ ବ୍ୟସ୍ତ
ଅନୁବ୍ରତ ଚଉପାଶ।
କୋଉଟା ସ୍ୱର୍ଗ
କୋଉଟା ମର୍ତ୍ତ୍ୟ
କିଏ ଜୀବିତ, କିଏ ମୃତ !

ହାତପାଦ ମୁହଁ ଧୋଇ ପଶ,
ପଶ ପଶ ଆଉ ଦେଖ ସ୍ୱପ୍ନ
ନାହିଁ ଯାହାର କୋଉଠି ବି ଶେଷ।
ତଫତା ନାଇଁ କିଛି
ପଣ୍ଡିତ କି ମୂର୍ଖ।
ନାଇଁ ତଫାତ୍
ଯାଉଛ କି ଆସୁଛ।
ଯଥେଷ୍ଟ, ତୁମେ ଅଛ।

*ତପୋବନ, ଟିଟିଲାଗଡ*
*ବଲାଙ୍ଗିର*

## ଦୁଇଟି କବିତା



**ଧରିତ୍ରୀ ମହାନ୍ତି**

### ଗାଥା



ହେ ତୁଙ୍ଗ ବୀରାଙ୍ଗନା ଅନନ୍ୟା ପ୍ରତିଭା
ଲୋଟିପଡ ଧରାତଳେ
ସଦ୍ୟ ପ୍ରସ୍ଫୁଟିତ ଆଜି ବି ଜୀବିତ
ହୃଦୟ ସ୍ପନ୍ଦନ ତଳେ।
ଅମର ତୁମର ଜୀବନ ଗାଥା ଏ
ଯାତ୍ରା ତୁମ କାଳଜୟୀ
ଦୃଷ୍ଟିର ଦୃଷ୍ଟାନ୍ତ ସୁଷମ ସ୍ୱରାଜ
ଭୂଖଣ୍ଡ ଦିଗ୍‌ବିଜୟୀ।
ହାରିନାହିଁ କେବେ ରଣକ୍ଷେତ୍ର ପରେ
ଜୀବନ ସଂଗ୍ରାମ ପଥେ
ଆହ୍ୱାନ ଦେଇଛ ଲଢ଼ିବାକୁ ସଦା
ଶେଷ ନିଃଶ୍ୱାସ ସାଥେ।

### କର୍ମ

କର୍ମମୟ ଏତ କର୍ମର ସଂସାର, କର୍ମ ସଙ୍ଗେ ସର୍ବେ ବନ୍ଧା
କର୍ମ ବିନୁ ନାହିଁ ଜୀବନର ଗତି, କର୍ମ ପଦେ ସିନା ଛନ୍ଦା।
କର୍ମେ କର୍ମ କର କର୍ମ ହେଉ ତୋର, ଜୀବନର ଦିବ୍ୟଜ୍ୟୋତି
କର୍ମର ଆୟତେ ଫଳେ କର୍ମଫଳ, ସତ୍‌କର୍ମେ ଦିଅ ମତି।
କର୍ମ ସୃଷ୍ଟି କରେ ଧର୍ମ ଅର୍ଥ ମୋକ୍ଷ, ସବୁରି ଊର୍ଦ୍ଧ୍ୱରେ କର୍ମ
ନିଷ୍କାମ କର୍ମକୁ ସମର୍ପିତ କଲେ, କର୍ମ ହୁଏ ଶ୍ରେଷ୍ଠ ଧର୍ମ।
କର୍ମର ବନ୍ଧନ ନଲାଗେ ଯାହାକୁ, ସେ କର୍ମଫଳରୁ ମୁକ୍ତ।
କର୍ମ ଧର୍ମ କରି କର୍ମରୁ ବାହାରି, ଅନନ୍ତ ସଙ୍ଗେ ସେ ଯୁକ୍ତ।

*ନୟାପଲ୍ଲୀ, ଭୁବନେଶ୍ୱର*

# ଏଇ ମୋ ପୁଣ୍ୟଭୂମି



**ମିନାକ୍ଷୀ ପଣ୍ଡା**




ପୁଣ୍ୟ ଦେବଭୂମି, ମୋ ଭାରତ ଭୂମି
ପଖାଳେ ପଦ ସାଗର
ଶିରେ ଝଟଝଟ, ତୁଷାର ମୁକୁଟ
ସୁଶୋଭିତ ଗିରିବର।
ବୀର ପ୍ରସବିନୀ, ଆର୍ଯ୍ୟାବର୍ତ୍ତ ଭୂମି
ଜନ୍ମିତ ବୀର ସନ୍ତାନ
ଅଇରୀ ଆଘାତ, ସହିଛି ସତତ
ଶିଖିନାହିଁ ଆକ୍ରମଣ।
ଭାଗିରଥି ଜଳ, ପୂତ, ପରିମଳ
ହୃଦୟର ଗଳାହାର
ସିଦ୍ଧ ବେଦମନ୍ତ୍ର, ବିଜ୍ଞାନ ସ୍ୱୀକୃତ
ଆର୍ଯ୍ୟଋଷି ଉପହାର।

ତ୍ରିରଙ୍ଗା ପତାକା, ଦିଏ ମହାଶିକ୍ଷା
ଶାନ୍ତି, ମୈତ୍ରୀ, ଉତ୍‌ଥାନ
ମୋ ଦେଶରେ ଆଜ, ଗଣତନ୍ତ୍ର ରାଜ
ଦେଖୁଛି ବିଶ୍ୱନୟନ।
ସୁଜଳା, ସୁଫଳା, ଫୁଲ, ଫଳେ ଭରା
ସ୍ୱର୍ଣ୍ଣପ୍ରସୂ ବସୁମତୀ
କୃଷକ, ସୈନିକ, ଗୁରୁ, ବୈଜ୍ଞାନିକ
ଜନମିଲେ କେତେ ମୋତି।
ଜଗତେ ସୁଲଭ, ଭାରତରେ ଅଭାବ
ହୋଇନାହିଁ କଦାଚିତ
ଭାଷା, ଧର୍ମ ଭିନ୍ନ, ଏକତା ଅକ୍ଷୁର୍ଣ୍ଣ
ବିଶ୍ୱ ନୟନ ଚକିତ।
ଦ୍ରୁତ ବିକଶିତ ହୁଏ ପ୍ରତିଭାତ
ଭାରତ ଲଭେ ସମ୍ମାନ
ଆସୁଛି ସୁଦିନ ଦେଖିବ ନୟନ
ବିଶ୍ୱେ ଦେଶ ଗୁରୁସ୍ଥାନ।

*ପାରଳାଖେମୁଣ୍ଡି*





**ପାଡ୍ମିନୀ ପଟେଲ**
ଷ୍ଟାଣ୍ଡାର୍ଡ-୮
ଭିମ୍‌ଲା କନଭେଣ୍ଟ ସ୍କୁଲ
ଭବାନୀପାଟଣା



**ଆୟେଶା ପ୍ରିୟଦର୍ଶିନୀ**
ଷ୍ଟାଣ୍ଡାର୍ଡ-ୟୁକେଜି
ନାରାୟଣ ପବ୍ଲିକ ସ୍କୁଲ
ଭୁବନେଶ୍ୱର



# ବୁଣାକାରଙ୍କ ପାରିଶ୍ରମିକ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ

**ଭୁବନେଶ୍ୱର, (ପିଆଇବି):** ଓଡ଼ିଶା ବୁଣାକାରମାନେ ହସ୍ତତନ୍ତର ମହାନ ଓ ସୁନ୍ଦର କଳାକୁ ସଂରକ୍ଷିତ କରି ରଖିଛନ୍ତି ଏବଂ ଭାରତ ବଜାରରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ସୃଷ୍ଟି କରିଛନ୍ତି। ଭାରତ ସରକାରଙ୍କ ହସ୍ତତନ୍ତ ବିଭାଗ ଏହି ମହାନ ଐତିହ୍ୟକୁ ସଂରକ୍ଷିତ କରି ରଖିବ ଏବଂ ଆନ୍ତର୍ଜାତିକ ବଜାରରେ ଏହାର ଚାହିଦା ବୃଦ୍ଧି କରିବା ପାଇଁ ଉଦ୍ୟମ ଜାରି ରଖିବ। ଏହା ଫଳରେ ଓଡ଼ିଆ ବୁଣାକାରମାନେ ଯେତିକି ମୂଲ୍ୟ ପାଉଛନ୍ତି ତାର ୧୦ ଗୁଣା ଅଧିକ ମୂଲ୍ୟ ପାଇପାରିବେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ ଉତ୍ସବକୁ ସମ୍ବୋଧିତ କରି ଏହି ମନ୍ତବ୍ୟ ଦେଇଛନ୍ତି ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରଣାଳୟର ସଚିବ ରବି କପୁର। "ହସ୍ତତନ୍ତ ଉତ୍ପାଦ ବିକ୍ରି କ୍ଷେତ୍ରରେ ଆମେ ମଧ୍ୟବର୍ତ୍ତି ବ୍ୟକ୍ତିମାନଙ୍କୁ ହଟେଇ ଦେବାପାଇଁ ଚେଷ୍ଟା କରୁଛୁ। ଏହା ଫଳରେ ବୁଣାକାରମାନେ ସେମାନଙ୍କ ଉତ୍ପାଦ ପାଇଁ ଅଧିକ ମୂଲ୍ୟ ପାଇପାରିବେ," ବୋଲି ସେ ପ୍ରକାଶ କରିଛନ୍ତି। "ବିଶ୍ୱର ପ୍ରାୟ ୨୦୦ ଦେଶ ମଧ୍ୟରୁ ମାତ୍ର ୮-୧୦ଟି ଦେଶ ହସ୍ତତନ୍ତ କ୍ଷେତ୍ରରେ ସମୃଦ୍ଧ। ଏହି କ୍ଷେତ୍ରରେ ବିଶ୍ୱସ୍ତରରେ ନିଜର ଏକ ପରିଚୟ ସୃଷ୍ଟି କରିବା ପାଇଁ ଭାରତ ପାଖରେ କ୍ଷମତା ରହିଛି। ତେବେ ଏଥିପାଇଁ ହସ୍ତତନ୍ତ କ୍ଷେତ୍ରରେ ଅନେକ କାମ କରିବାକୁ ରହିଛି। ଏହି କ୍ରମରେ ଓଡ଼ିଶାର ବୁଣାକାରମାନେ ଭଲ



ଉଦ୍ୟମ ଜାରି ରଖିଛନ୍ତି। ସରକାର ବୁଣାକାରମାନଙ୍କ ଉନ୍ନତି ନିମନ୍ତେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେମାନେ ଏହାର ଲାଭ ଉଠାଇବା ଆବଶ୍ୟକ। ଯୁବପିଢ଼ୀଙ୍କୁ ବୁଣାକାର କ୍ଷେତ୍ରକୁ ଆକର୍ଷିତ କରାଯିବା ଆବଶ୍ୟକ। ମାତ୍ର ଏଥିପାଇଁ ସେମାନେ ଯେପରି ଭଲ ପାରିଶ୍ରମିକ ପାଇବେ ତାର ବ୍ୟବସ୍ଥା କରାଯିବା ଦରକାର। ଏନେଇ ସମସ୍ତଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି, " ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଚତୁର୍ଥ ସର୍ବଭାରତୀୟ ହସ୍ତତନ୍ତ ଜନଗଣନା ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ହସ୍ତତନ୍ତ କ୍ଷେତ୍ରରେ ଦୁଇ ଜଣ ପଦ୍ମଶ୍ରୀ ପୁରସ୍କାର ବିଜେତା – ଗୋବର୍ଦ୍ଧନ ପାନିକ ଓ ଚତୁର୍ଭୁଜ ମେହେର ଏବଂ ୧୨ ଜଣ ସନ୍ଥ କବୀର ପୁରସ୍କାର ବିଜେତା – କଳାବତୀ ମେହେର, ସ୍ୱର୍ଣ୍ଣଲତା ମେହେର, ଶରତ କୁମାର ପାତ୍ର, ଭକ୍ତରାଜ ମେହେର, ଭଗବାନ ମେହେର, ଦୟାଳୁ ମେହେର, ସୁରେନ୍ଦ୍ର ମେହେର, ଶ୍ୟାମସୁନ୍ଦର କରଣ, ଭିକାରୀ ମେହେର, ମୁରଲୀ ମେହେର, କ୍ଷେତ୍ରମୋହନ ମେହେର ଓ ଶଶିଧର ମେହେରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ସାହୁ, ରଜନୀ ପାତ୍ର, ଟି ଭାରତୀ, ବିଦ୍ୟାଧର ମହନ୍ତ ଓ ଭଗବାନ ତନ୍ତିଙ୍କୁ ହସ୍ତତନ୍ତ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରୁ ସର୍ବଭାରତୀୟ ସ୍ତରରେ ପରିଚୟ ପତ୍ର ବଣ୍ଟନର ଧାରା ଆରମ୍ଭ କରାଯାଇଛି। ସେହିପରି ନିଶାମଣି ସାହୁ, ଜୟନ୍ତୀ ଦାସ, ରୁକୁଣା ଦାସ, ମମତା ଚାନ୍ଦ ଓ ସୌଭାଗ୍ୟ ପଲଙ୍କୁ ୟର୍ଣ୍ଣ ପାସବୁକ୍ ପ୍ରଦାନ କରାଯାଇଛି। ଏହିପରି ପାସବୁକ୍ ସର୍ବଭାରତୀୟ ସ୍ତରରେ ବଂଟନ କରାଯିବ। ହସ୍ତତନ୍ତର ପରମ୍ପରା ସମ୍ବନ୍ଧୀୟ ଏକ ବୃତ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପିତାମ୍ବର ମେହେର, ନରୋତମ ମେହେର, ପ୍ରହ୍ଲାଦ ମେହେର, ଭାଗବତ ମେହେର ଓ ଧରଣୀଧର ମେହେରଙ୍କୁ ମୁଦ୍ରା ଯୋଜନା ଅନ୍ତର୍ଗତ ଋଣ ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ଯୁଗର ...

ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇ କହିଛନ୍ତି, ଆପଣଙ୍କ ଜନ ପ୍ରତିନିଧି ଆପଣଙ୍କ ଭିତରୁ ଆସିବେ। ଆଗପରି ବିଧାୟକ, ମନ୍ତ୍ରୀ ପରିଷଦ ଓ ମୁଖ୍ୟମନ୍ତ୍ରୀ ହେବେ। ସେ କହିଛନ୍ତି, ଆମେ ସମସ୍ତେ ମିଶି ଆତଙ୍କବାଦ ଓ ବିଚ୍ଛିନ୍ନତା ବାଦରୁ ମୁକ୍ତି ପାଇବାକୁ ହେବ। ଜାମ୍ମୁ -କାଶ୍ମୀରକୁ ସାରା ବିଶ୍ୱରେ ବିକଶିତ କରିବାକୁ ହେବ। ସମସ୍ତ ନାଗରିକଙ୍କୁ ସବୁ ଅଧିକାର ଓ ସୁବିଧା ଦେବାକୁ ହେବ। ଆମେ ଚାହୁଁଛୁ ଜାମ୍ମୁ-କାଶ୍ମୀରରେ ନିର୍ବାଚନ ହେବ, ତେଜସ୍ୱୀ ଯୁବକ ନେତା, ବିଧାୟକ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହେବେ। ଆପଣମାନଙ୍କୁ କଥା ଦେଉଛି ପାରିଦର୍ଶିତାର ସହ ଜାମ୍ମୁ-କାଶ୍ମୀରେର ନିର୍ବାଚନ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଧାରା ୩୭୦ ଉଚ୍ଛେଦ ହେବା ପରେ ନୂଆପଞ୍ଚାୟତ ବେଶ୍ ଭଲ ଭାବରେ କାମ କରିବ ଓ ଜାମ୍ମୁ-କାଶ୍ମୀରର ନାଗରିକ ବିଚ୍ଛିନ୍ନତାବାଦକୁ ଶେଷ କରି ବିକାଶ ଦିଗରେ କାମ କରିବେ ଏବଂ ନିଜ ଲକ୍ଷ୍ୟ ହାସଲ କରିବେୟ ପରିବାରବାଦ ପ୍ରସଙ୍ଗ ଉତଥାପନ ମୋଦୀ କହିଛନ୍ତି, ଆଗରୁ ଜାମ୍ମ-କାଶ୍ମୀରରେ ପରିବାରବାଦ ଚାଲିଥିଲା ଯାହା ଫଳରେ ନୂଆ ଯୁବକ ଆଗକୁ ଆସି ପାରୁନଥିଲେ କିନ୍ତୁ ଏବେ ଯୁବ ଶକ୍ତି ଆଗକୁ ଆସିବେ। ସେ ଆହ୍ୱାନ ଦେଇଛନ୍ତି, ଜାମ୍ମୁ-କାଶ୍ମୀର ଓ ଲଦାଖର ଯୁବକ ଆଗକୁ ଆସନ୍ତୁ। ଜମ୍ମୁ-କଶ୍ମୀର ଓ ଲଦାଖ ବିଶ୍ୱର ସର୍ବଶ୍ରେଷ୍ଠ ପର୍ଯ୍ୟଟନସ୍ଥଳ ଓ ଏହାର ବିକାଶ ଦିଗରେ ସରକାର ଶତପ୍ରତିଶତ ଚେଷ୍ଟା କରିବେ ବୋଲି ସେ କହିଛନ୍ତି ଓ ସେଥିପାଇଁ ପୁରା ଭାରତବାସୀଙ୍କ ସହଯୋଗ କାମନା କରିଛନ୍ତି। ସେ କହିଛନ୍ତି, ଆଗରୁ ଜାମ୍ମୁ-କାଶ୍ମୀରରେ ବଲିଉଡ୍ ଅନେକ ଚଳଚ୍ଚିତ୍ର ସୁଟିଂ ହେଉଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ଜମ୍ମୁ-କଶ୍ମୀର ଓ ଲଦାଖର ଭାଇ ଭଉଣୀଙ୍କୁ ଆହ୍ୱାନ କରୁଛି ସାରା ବିଶ୍ୱକୁ ଦେଖାଇ ଦେବା ଆମ ଭିତରେ କେତେ ସାମର୍ଥ୍ୟ ଅଛି। ଆମେ ମିଳି ମିଶି ନୂଆ ଭାରତର ନିର୍ମାଣ କରିବା। ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ-୨୦୧୯ ସଂସଦରେ ପାସ୍ ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି। ଫଳରେ ଏହି ବିଲ ଏବେ ଆଇନରେ ପରିଣତ ହୋଇଛି।

### ଦାବି ଉଠାନ୍ତୁ ...

ଅବତରଣ କରିଥିଲେ। ନିଜ ଡାକୋଟା-୩ ବିମାନରେ ବିଜୁବାବୁ ଏହି ଉଡ଼ାଣ ଭରିଥିଲେ। ସେଠାରେ କାଳେ ପାକ୍ ସୈନିକମାନେ ବିମାନ ବନ୍ଦର ଅକ୍ତିଆର କରିଥିବେ ତେଣୁ ନେହରୁ ବାରଣ କରିଥିଲେ ଯେ, ଭାରତୀୟ ସୈନ୍ୟ ସେଠାରେ ଅବତରଣ ନ କରିବାକୁ। ହେଲେ ଅତ୍ୟନ୍ତ ସାହସୀ ବିଜୁବାବୁ ଅଳ୍ପ ଉଚ୍ଚତାରେ ବିମାନ ଉଡ଼ାଣ କରି ପ୍ରଥମେ ସ୍ଥାନୀୟ ବନ୍ଦରର ସ୍ଥିତି ପରଖି ଜାଣିଥିଲେ ଯେ, ସେଠାରେ ପାକ୍ ଆକ୍ରମଣକାରୀ ନାହାନ୍ତି। ନିଜେ ନିଶ୍ଚିତ ହେବା ପରେ ବିମାନକୁ ସେଠାରେ ଅବତରଣ କରାଇଥିଲେ ବିଜୁବାବୁ। ବିଜୁବାବୁଙ୍କ ଏଭଳି ଦୁଃସାହସିକ ପଦକ୍ଷେପ ଦେଶକୁ ଅନେକବାର ବିପଦ ମୁହଁରୁ ରକ୍ଷା କରିଛି। ତେଣୁ ବିଜୁବାବୁ ଯେ କେବଳ ଜଣେ ଜନନେତା ବା ସ୍ୱାଧୀନତା ସଂଗ୍ରାମୀ ନୁହଁନ୍ତି। ସେ ଦେଶର ସ୍ୱତନ୍ତ୍ରତା ସେନାନୀର ପାଇଲଟ ହେବା ସହିତ ଜଣେ ଉଦ୍ୟୋଗପତି ଥିଲେ। ତାଙ୍କ ବ୍ୟକ୍ତିତ୍ୱ କେବଳ ଭାରତ ବା ଓଡ଼ିଶାରେ ନୁହେଁ ସମଗ୍ର ବିଶ୍ୱରେ ପରିଚିତ ଥିଲା। ତାଙ୍କର ଆଦର୍ଶ ଥିଲେ ନେପୋଲିଅନ। ସାଧାରଣ ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ସେ ପ୍ରଭାବଶାଳୀ ଢଙ୍ଗରେ କଥାବାର୍ତ୍ତା ଓ କାର୍ଯ୍ୟ କରୁଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ତ୍ୟାଗ ବଳରେ ଦେଶର ଜଣେ ପ୍ରସିଦ୍ଧ ରାଜନେତାଙ୍କ ଭିତରେ ତାଙ୍କର ଉପସ୍ଥିତି ବାରି ହୋଇପଡୁଥିଲା। ଓଡ଼ିଶାକୁ ଏକ ଉନ୍ନତ ରାଜ୍ୟ ପରିଣତ କରିବା ପାଇଁ ସେ ସର୍ବଦା ସ୍ୱପ୍ନ ଦେଖୁଥିଲେ। ମହାତ୍ମା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜୁବାବୁ ଭାରତଛାଡ ଆନ୍ଦୋଳନରେ ଭାଗ ନେଇ ୧୯୪୩ ମସିହାରେ ଦୁଇବର୍ଷ ପାଇଁ ଜେଲ୍ ମଧ୍ୟ ଭୋଗିଥିଲେ। ଇଣ୍ଡୋନେସିଆର ସ୍ୱତନ୍ତ୍ରତା ଆନ୍ଦୋଳନ ବେଳେ ବିଜୁବାବୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜିବି ସମସ୍ତେ ମନେ ପକାନ୍ତି। ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁବାବୁଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ ଭୂମିପୁତ୍ର ପ୍ରଦାନ କରିଛନ୍ତି। ବିଶ୍ୱରେ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧୯୫୨ ମସିହାରେ ସେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସ୍ଥାପନା କରିବା ସହିତ କଳିଙ୍ଗ ପୁରସ୍କାର ପ୍ରଦାନ ଆରମ୍ଭ କରିଥିଲେ। ଏଭଳି ଜଣେ ରାଜନେତାଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲେ ବି କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ନଦେବା ଦୁର୍ଭାଗ୍ୟଜନକ। ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ବିଜୁବାବୁ ଆଜିବି ଜୀବିତ। ତେଣୁ ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ ରାଜ୍ୟବାସୀ ଦାବି ଉଠାନ୍ତୁ।

### ଆଉ ୫ବର୍ଷ...

ଯୋଜନା ଦ୍ୱାରା ଜୀବିକା ଅର୍ଜନରେ ସଫଳ ହୋଇଛନ୍ତି, ସେମାନଙ୍କୁ ସରକାର ପୁରସ୍କୃତ କରିବେ ବୋଲି ଏଥିରେ ଦର୍ଶାଯାଇଛି। ସେହିପରି ପ୍ରସ୍ତାବିତ କୃଷିନୀତିରେ ମହିଳାଚାଷୀଙ୍କୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ମୋଟ ଶ୍ରମିକଙ୍କ ମଧ୍ୟରୁ ୪୮ ପ୍ରତିଶତ ମହିଳା। ତେଣୁ ସେମାନଙ୍କ ବିକାଶକୁ ସରକାର ପ୍ରାଧାନ୍ୟ ଦେଇଛନ୍ତି। ରାଜ୍ୟରେ ୫ ଲକ୍ଷ ଭୂମିହୀନ ମହିଳାଚାଷୀ ଥିବା ଜଣାପଡ଼ିଛି। ସେମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀରେ ଗ୍ରହଣ କରାଯାଇ ଉତ୍ଥାନ ପାଇଁ ପଦକ୍ଷେପ ନିଆଯିବ। ମହିଳାଙ୍କ ସାମାଜିକ ଓ ଆର୍ଥିକ ବିକାଶ ଲାଗି ସରକାର ଯୋଜନା ପ୍ରସ୍ତୁ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନାସୁଧରେ ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଉଛି। ସେହିପରି ମହିଳା ଚାଷୀଙ୍କ ଉତ୍ପାଦର ବିକ୍ରି ପାଇଁ ବଜାର ସୁବିଧା କରାଯିବାକୁ ସରକାର କୃଷିନୀତିରେ ଗୁରୁତ୍ୱ ଦେଇଛନ୍ତି। ମହିଳା ଚାଷୀଙ୍କୁ ତାଲିମ୍ ଦେଇ କୃଷିର ବିକାଶକ୍ଷେତ୍ରରେ ନିୟୋଜନ କରିବାକୁ ପ୍ରସ୍ତାବ ରହିଛି। ଉଦ୍ୟାନ କୃଷି ଓ ପଶୁପାଳନ ଯୋଜନାରେ ମହିଳା ଚାଷୀଙ୍କୁ ପ୍ରାଧାନ୍ୟ ଦିଆଯିବ। ମହିଳା ଚାଷୀଙ୍କୁ ସୁହାଇବା ଭଳି ଯନ୍ତ୍ରପାତି ବିକାଶ କରିବାକୁ ସରକାର ଚିନ୍ତା କରିଛନ୍ତି । ବିଶେଷ କରି ମହିଳାଚାଷୀଙ୍କ ଆୟ ବୃଦ୍ଧି, ଜଳ ସେଚନ ସୁବିଧା ଓ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀକୁ ଉଚିତ ମୂଲ୍ୟରେ ବିକ୍ରି କରିବା ଉପରେ ଚିଠା ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। କାଳିଆ ଯୋଜନାରେ ୭୫ ଲକ୍ଷ ଚାଷୀଙ୍କୁ ସାମିଲ କରିବା ପାଇଁ ଲକ୍ଷ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୧ ଲକ୍ଷ ହିତାଧିକାରୀଙ୍କ ନାଁ ତାଲିକାରେ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ ୩୭ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବା ବେଳେ ୧୪ ଲକ୍ଷ ଭୂମିହୀନ କୃଷି ଶ୍ରମିକ ରହିଛନ୍ତି।

### ପାକିସ୍ତାନ ...

ଚୀନ୍ ଏହି ବ୍ୟାପାରରେ ହସ୍ତକ୍ଷେପ କରିବ ନାହିଁ ବୋଲି ଇତିମଧ୍ୟରେ ସ୍ପଷ୍ଟ କରିଦେଇଛି। ଫଳରେ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ଅନ୍ତର୍ଜାତୀୟ ସମର୍ଥନରୁ ଏକପ୍ରକାର ବଞ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ୧୯୭୨ର ସିମଳା ରାଜିନାମା ଏବଂ ଜାତିସଂଘ ସନନ୍ଦ ଅନୁଯାୟୀ କଶ୍ମୀର ସମସ୍ୟା ଦ୍ୱିପାକ୍ଷିକ ଆଲୋଚନାରେ ସମାଧାନ ହେବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ସିମଳା ରାଜିନାମାକୁ ଉପେକ୍ଷା କରି ଜାତିସଂଘର ହସ୍ତକ୍ଷେପ ପାଇଁ ଦାବି କରୁଥିଲା ବେଳେ ଗୁଟେରେସ୍ ସିମଳା ରାଜିନାମା ଭିତ୍ତିରେ ସମସ୍ୟାର ସମାଧାନ ପାଇଁ ଦୃଢ଼ ମତ ଦେଇଛନ୍ତି। ଜାତିସଂଘ ମହାସଚିବଙ୍କ ଜଣେ ମୁଖପାତ୍ର କହିଛନ୍ତି, 'ମହାସଚିବ ଜମ୍ମୁ-କଶ୍ମୀର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଏଥିନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ଯଥେଷ୍ଟ ସଂଯମ ଆଚରଣ କରିବାକୁ ଆହ୍ୱାନ ଦେଇଛନ୍ତି।' ମୁଖପାତ୍ର ଜଣକ ଆହୁରି କହିଛନ୍ତି, ଜମ୍ମୁ-କଶ୍ମୀର ବିବାଦର ଜାତିସଂଘ ପ୍ରସ୍ତାବ ମୁତାବକ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ ହେବା ଉଚିତ। ଭାରତ ନିୟନ୍ତ୍ରଣରେ ଥିବା କଶ୍ମୀରରେ କଟକଣା ରିପୋର୍ଟ ନେଇ ମହାସଚିବ ଖୁବ୍ ଉଦ୍‌ବିଗ୍ନ। ଏହା ଦ୍ୱାରା ମାନବାଧିକାର ଉଲ୍ଲଂଘନର ଆଶଙ୍କା ରହିଛି। ତେଣୁ ଏଥିସହ ସମ୍ପୃକ୍ତ ସମସ୍ତ ପକ୍ଷ କୌଣସି ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନ ନେଇ ସମାଧାନ ପାଇଁ ଆଗେଇ ଆସିବାକୁ ମହାସଚିବ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ପାକିସ୍ତାନ ଗୁଟେରେସ୍‌ଙ୍କୁ ପତ୍ର ଲେଖି ଜାତିସଂଘ ଓ ଜାତିସଂଘ ସୁରକ୍ଷା ପରିଷଦର ହସ୍ତକ୍ଷେପ ପାଇଁ ଦାବି କରିଥିଲା। କିନ୍ତୁ ପାକିସ୍ତାନର ଏହି ଉଦ୍ଦେଶ୍ୟ ସଫଳ ହୋଇ ନାହିଁ। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ୍ କ୍ୟୁରେସି ଲେଖିଥିବା ଏହି ପତ୍ର ସମ୍ପର୍କରେ ଜାତିସଂଘରେ ଅବସ୍ଥାପିତ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ମାଲିହା ଲୋଧି ଗତ ମଙ୍ଗଳବାର ଟୁଇଟରରେ ଏହା ଉଲ୍ଲେଖ କରିଥିଲେ। ସେହିଭଳି ପାକିସ୍ତାନ ନିଜର ପରମ ମିତ୍ର ଚୀନ୍‌ର ଶରଣାପନ୍ନ ହୋଇଥିଲେ ମଧ୍ୟ ସେଠାରୁ ହତାଶ ହୋଇଛି। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଚୀନ୍ କୌଣସି ପ୍ରକାରେ ମୁଣ୍ଡ ପୂରାଇବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କ୍ୟୁରେସି ବେଜିଂ ଗସ୍ତରେ ଯାଇ ଚୀନ୍ ନେତୃବୃନ୍ଦଙ୍କୁ ଭେଟିଥିଲେ। କଶ୍ମୀର ପ୍ରସଙ୍ଗରେ ଭାରତର ପଦକ୍ଷେପକୁ ବେଆଇନ ଏବଂ ଏକପାଖିଆ ବୋଲି ଦର୍ଶାଇ କ୍ୟୁରେସି ଚୀନ୍‌ର ସାହାଯ୍ୟ ଲୋଡ଼ିଥିଲେ। କିନ୍ତୁ ଚୀନ୍ କହିଛି ଯେ, ଉଭୟ ଦେଶ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ସହ ଶାନ୍ତି ବଜାୟ ରଖନ୍ତୁ। ଭାରତର ନାମ ଉଲ୍ଲେଖ ନ କରି ଚୀନ୍ କହିଛି, ଉଭୟ ପକ୍ଷ ସ୍ଥିତାବସ୍ଥା ବଜାୟ ରଖନ୍ତୁ ଓ ସୀମାରେ ଉତ୍ତେଜନା ବୃଦ୍ଧିରୁ ନିବୃତ ରହନ୍ତୁ। ଅଯଥାରେ ବିବାଦ ସୃଷ୍ଟି ନ କରନ୍ତୁ।

### ଦେଶ ...

ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବ ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ଶତାଧିକ ନେତା ସୁଷମାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱର ଅଧିକାଂଶ ଦେଶ ସୁଷମାଙ୍କ ବିୟୋଗରେ ମ୍ରିୟମାଣ ହେବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୁଷମାଙ୍କ ମୃତ୍ୟୁ ଖବର ଶୁଣି ସ୍ତବ୍ଧ ହୋଇଯାଇଥିଲେ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ। କାରଣ ମୃତ୍ୟୁ ଖବର ମିଳିବାର ମାତ୍ର କିଛି ସମୟ ପୂର୍ବରୁ ସେ ସୁଷମାଙ୍କ ସହ କଥା ହୋଇଥିଲେ। କୁଳଭୂଷଣ ଯାଦବ ମାମଲାରେ ସାଲ୍‌ଭେ ଭାରତକୁ ଆଇସିଜେରେ ପ୍ରତିନିଧିତ୍ୱ କରିଥିବାରୁ ଏ ବାବଦ ବାକି ଥିବା ୧ ଟଙ୍କା ପାଉଣା ନେବା ପାଇଁ ପୂର୍ବତନ ବିଦେଶ ମନ୍ତ୍ରୀ ସୁଷମା ସ୍ୱରାଜ ତାଙ୍କୁ ଡାକିଥିଲେ। କଥାବାର୍ତ୍ତା ସମୟରେ ବେଶ୍ ଖୁସିଥିଲେ ସୁଷମା ଏବଂ କହିଥିଲେ ଯେ, ଏବେ ସେ ତାଙ୍କ ଝିଅଙ୍କ ଅଫିସ୍‌ରେ କାମ କରୁଛନ୍ତି। ସୁଷମାଙ୍କ ପାଇଁ ସାରା ଦେଶ ଏବେ ଦୁଃଖରେ ମ୍ରିୟମାଣ। ଆଉ ଶୁଭିବନି ତାଙ୍କ ଅଗ୍ନିବର୍ଷୀ ଭାଷଣ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଗତ ନିର୍ବାଚନ ଲଢ଼ିବେନି ବୋଲି ପୂର୍ବରୁ ଘୋଷଣା କରିଥିଲେ ସୁଷମା। ରାଜ୍ୟସଭା ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ ସୁଷମାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ମୁଁ ମୋର ଜଣେ ଭଉଣୀଙ୍କୁ ହରାଇଛି। ସୁଷମାଙ୍କ ପାର୍ଥିବ ଶରୀର ଦେଖିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଖି ଛଳଛଳ ହୋଇ ଉଠିଥିଲା। ତାଙ୍କର ଦୀର୍ଘ ରାଜନୈତିକ କ୍ୟାରିୟରର ଶେଷ ସମୟରେ ସୁଷମା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ରୂପେ ଦେଶବାସୀଙ୍କ ମନ ଜିଣିବା ସହିତ ବିଦେଶରେ ଶକ୍ତିଶାଳୀ ଛାପ ଛାଡି ଯାଇଛନ୍ତି। ମାତ୍ର ୨୧ବର୍ଷ ବୟସରେ ୧୯୭୩ ମସିହାରେ ସୁପ୍ରିମ୍‌କୋର୍ଟରେ ଓକିଲାତି ଆରମ୍ଭ କରି ଇନ୍ଦିରା ଗାନ୍ଧି ସରକାର ବିରୋଧରେ ପ୍ରତିବାଦ ଆନ୍ଦୋଳନ ଆୟୋଜନ କରି ରାଜନୈତିକ ପରିସରରେ ସୁଷମା ନିଜ ପ୍ରତିପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆର୍‌ଏସ୍‌ଏସ୍ ଓ ଏବିଭିପିରୁ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସୁଷମା ପରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। କ୍ଷମତାଶାଳୀ ପ୍ରତିଦ୍ୱନ୍ଦ୍ୱିଙ୍କ ସହିତ ଲଢ଼ିବାକୁ କେବେ ପଛଘୁଞ୍ଚା ଦେଉନଥିଲେ ସୁଷମା। ୧୯୯ରେ କର୍ଣ୍ଣାଟକର ବେଲାରି ଲୋକସଭା ଆସନରେ କଂଗ୍ରେସ ସଭାପତି ସୋନିଆ ଗାନ୍ଧିଙ୍କ ବିରୋଧରେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ରାଜନୈତିକ ଜୀବନରେ ସୁଷମା ୭ଥର ସଂସଦ ଓ ୩ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମୋଦିଙ୍କ ପ୍ରଥମ ପାଳି ସରକାରରେ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ବ୍ୟାପାର ବିଭାଗ ଦାୟିତ୍ୱ ନେଇ ଦକ୍ଷତାର ସହିତ ଏହାକୁ ତୁଲାଇ ପାରିଥିଲେ ସୁଷମା। ତାଙ୍କ ସମୟରେ ଚୀନ୍ ସହିତ ଡୋକଲାମ୍ ବିବାଦରେ ଭାରତର କୂଟନୈତିକ ବିଜୟ ପଛରେ ତାଙ୍କର ସବୁଠୁ ବଡ ଭୂମିକା ରହିଛି। ସୁଷମା ଦେଶର ଆନ୍ତର୍ଜାତିକ ଖ୍ୟାତିକୁ ବୃଦ୍ଧି ଘଟାଇଥିବାରୁ ଏହା ସମ୍ଭବ ହୋଇଥିଲା। ରାଜନୈତିକ ବିଚକ୍ଷଣତା ଏବଂ ଓଜସ୍ୱିନୀ ଭାଷଣ ଯୋଗୁ ସୁଷମା ସାରା ବିଶ୍ୱରେ ପରିଚିତ। ପ୍ରବାସୀ ଭାରତୀୟମାନଙ୍କ ପାଇଁ ସେ ଥିଲେ ଦେବଦୂତ। କାରଣ ଯେକୌଣସି ମୁହୂର୍ତ୍ତରେ ବିଦେଶରେ ରହୁଥିବା ଭାରତୀୟ ବିପଦରେ ପଡିଲେ ତୁରନ୍ତ ତାଙ୍କୁ ସହାୟତା ଯୋଗାଇଦେବା ସୁଷମାଙ୍କ ପରମ କର୍ତ୍ତବ୍ୟ ଥିଲା। ହେଲେ ଆଜି ଆଉ ନାହାନ୍ତି ଏହି ଜନପ୍ରିୟ ନେତ୍ରୀ ସୁଷମା। ଦେଶ ଝୁରୁଛି ତାଙ୍କୁ।

### '୨୦୨୨ ସୁଦ୍ଧା...

ସରକାର ସଂକଳ୍ପବଦ୍ଧ। ଶିଶୁଙ୍କ ନିୟମିତ ଟିକାକରଣ ବ୍ୟବସ୍ଥା ସୁଦୃଢ କରିବା ଶିଶୁଙ୍କ ପାଇଁ ଏବଂ ଜରୁରୀ ନିବେଶ। ଏହାଦ୍ୱାରା ଦେଶର ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ। ଡ. ହର୍ଷବର୍ଦ୍ଧନ କହିଥିଲେ ଯେ ଦେଶରେ ଡାଇରିଆ କାରଣରୁ ସର୍ବାଧିକ ଶିଶୁ ମୃତ୍ୟୁ ଘଟୁଛି। ସାଧାରଣତଃ ରୋଟା ଭାଇରସ କାରଣରୁ ହିଁ ଦୁଇବର୍ଷରୁ କମ ବୟସର ଶିଶୁଙ୍କ ଠାରେ ଡାଇରିଆ ଦେଖା ଦେଇଥାଏ। ସେ କହିଥିଲେ ଯେ ପରିଚ୍ଛନ୍ନତା, ହାତ ଧୋଇବାର ଅଭ୍ୟାସ, ଓଆରଏସ ପାନୀୟ ଏବଂ ଜିଙ୍କ ସହିତ ରୋଟା ଭାଇରସ ଟିକା ଜରିଆରେ ଡାଇରିଆରୁ ହେଉଥିବା ଶିଶୁମୃତ୍ୟୁ ଏବଂ ରୁଗଣତାକୁ କମ କରାଯାଇପାରିବ। ପ୍ରତ୍ୟେକ ଶିଶୁଙ୍କୁ ଟିକା ଦେବାଏବଂ ଦେଶରେ ସମ୍ପୂର୍ଣ୍ଣ ଟିକାକରଣ ଲାଗି ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି ସେକହିଥିଲେ।

### ଯୋଜନାରେ ...

ପାଣିଡଙ୍ଗର ଯୋଜନା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି କିନ୍ତୁ ବିଡମ୍ବନାର ବିଷୟ ପାଣିଡଙ୍ଗର ଯୋଜନାକୁ ଭୁଲି ମହାନଦୀ ଜଳ ବଂଚାଓ, ପୋଲାଭରମ ପ୍ରକଳ୍ପ ବନ୍ଦକର ବୋଲି ଲୋକସଭା ସାଂସଦ ଝିନ ହିକକା ଓ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ତଥା ରାୟଗଡା ବିଧାୟକ ଲାଲ ବିହାରି ହିମିରିକା, ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବିଷମ କଟକ ବିଧାୟକ ଜଗନ୍ନାଥ ସାରକା, ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ କେତେବେଳେ ରାସ୍ତାରୋକ, ଜିଲ୍ଲାପାଳଙ୍କ ଅଫିସ ଘେରାଉ କରୁଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଗତ ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ସମୟରେ ବ୍ରହ୍ମପୁର ଲୋକସଭା ସାଂସଦ ତଥା ଚଳଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର ନିର୍ବାଚନ ପ୍ରଚାର ପାଇଁ ଅମ୍ବାଦଳା ଠାରୁ ଗୁଣୁପୁର ପର୍ଯ୍ୟନ୍ତ ରୋଡ ସୋ ରେ ବାହାରି ମହାନଦୀ ଜଳ ବିବାଦ ଓ ପୋଲାଭରମ ପ୍ରକଳ୍ପ ବିଷୟରେ ଭାଷଣ କରିବା ସମୟରେ ଲୋକମାନେ ସାଂସଦଙ୍କୁ ପାଣି ଡଙ୍ଗର ବିଷୟରେ ପ୍ରଶ୍ନ କରିଥିଲେ । ଏହି ସମୟରେ ସାଂସଦ ପାଣି ଡଙ୍ଗର କେଉଁଠାରେ ଯୋଜନା ଅଛି ବୋଲି ତାଙ୍କ ସଙ୍ଗରେ ଥିବା ତୁଙ୍ଗ ନେତାମାନଙ୍କୁ ପଚାରି ବୁଝିଥିଲେ, ଯଦ୍ୱାରା ସ୍ଥାନୀୟ ଲୋକମାନେ ମତବ୍ୟକ୍ତ କରିଥିଲେ ଯେ ଯେଉଁ ନେତାର ସ୍ଥାନୀୟ ବିଷୟରେ ଧାରଣା ନାହିଁ ସେ କିପରି ଭାବରେ ଭୋଟ ଭିକ୍ଷା କରିଥିଲେ । ପାଣି ଡଙ୍ଗର ଯୋଜନା କିପରି କାର୍ଯ୍ୟକାରୀ ହେବ ସେହି କଥା ଚିନ୍ତା ନକରୁଣୁ ମହାନଦୀ ଜଳ ବଂଚାଓ ଓ ପୋଲାଭରମ ପ୍ରକଳ୍ପ ବନ୍ଦ ପାଇଁ ଲାଗିପଡିଛନ୍ତି । ଏଣୁ ଆଗାମୀ ଦନରେ ରାୟଗଡା ଜିଲ୍ଲାର ଜନସାଧାରଣ ଉକ୍ତ ପାଣି ଡଙ୍ଗର ବିଷୟରେ ଚିନ୍ତାକରି ଠିକଣା ସମୟରେ ଠିକ ଜବାବ ପାଇଁ ପ୍ରସ୍ତୁତ ହୋଇଗଲେଣି । ଅନୁସନ୍ଧାନରୁ ଜଣାପଡିଛିଯେ ଓଡିଶା ଓ ଆନ୍ଧ୍ର ଦେଇ ପ୍ରବାହିତ ବଂଶଧାରା ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ୫୦ ବର୍ଷ ପୂର୍ବେ ୧୯୬୨ ମସିହାରେ ପ୍ରଥମେ ଆନ୍ଧ୍ର ସରକାର ହିରମଣ୍ଡଳ ନିକଟସ୍ଥ ଗୋଟା ଠାରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ । ସେତେବେଳେ ଓଡିଶାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଆନ୍ଧ୍ର ଗୋଟା ପ୍ରକଳ୍ପକୁ ତୀବ୍ର ବିରୋଧ କରିବାରୁ ଉଭୟ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ସେତେବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଥିବା ନୀଲମ ସଂଜୀବ ରେଡ୍ଡୀ ବ୍ୟାରେଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ଚାପ ପ୍ରୟୋଗ କରିଥିଲେ । ତତ୍କାଳୀନ କେନ୍ଦ୍ର ଜଳସେଚନ ମନ୍ତ୍ରୀ ଇଂ କେ ଏଲ ରାଓ ଏକ ଇଂଜିନିୟରିଂ ଦଳକୁ ପଠାଇ ବଂଶଧାରା ନଦୀ ଉପରେ ସର୍ଭେ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଇଂ ରାଓ ତାଙ୍କ ରିପୋର୍ଟରେ ଉଭୟ ରାଜ୍ୟ ବଂଶଧାରା ନଦୀ ଜଳ ବ୍ୟବହାର କରିବା ଅଧିକାର ରହିଥିବା ଉଭୟ ୫୦-୫୦ ପ୍ରତିଶତ ଜଳ ବ୍ୟବବାର କରିପାରିବେ ବୋଲି କହିଥିଲେ । ଓଡିଶା ସରକାର ଗୁଣପୁର ଉପରମୁଣ୍ଡ ଗୁଡାରୀ ନିକଟସ୍ଥ ପାଣିଡଂଗରରେ ଏବଂ ଆନ୍ଧ୍ର ସରକାର ହିରମଣ୍ଡଳମ ନିକଟରେ ଗୋଟା ବ୍ୟାରଜ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଥିଲା । ଏ ନେଇ ଆୟୋଜିତ ବୈଠକରେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା । ସେହି ଅନୁଯାୟୀ ଆନ୍ଧ୍ର ସରକାର ଗୋଟା ଠାରେ ବ୍ୟାରଡ ନିର୍ମାଣ ଆରମ୍ଭ କରି ୧୯୭୨ ମସିହାରେ ପ୍ରକଳ୍ପ କାର୍ଯ୍ୟ ଶେଷ କରି ବାମ କେନାଲ ଅଂଚଳର ହଜାର ହଜାର ଏକର ଚାଷ ଜମିରେ ଜଳସେଚିତ କରିବାରେ ସକ୍ଷମ ହୋଇଥିଲେ । କିନ୍ତୁ ଓଡିଶା ସରକାର ଚୁକ୍ତି ଅନୁଯାୟୀ ପାଣିଡଂଗର ନିକଟରେ ବ୍ୟାରଡ ନିର୍ମାଣ ନକରି ଚୁପ ରହିଲେ । ଉଲ୍ଲେଖନୀୟ ବିଷୟ ହେଉଛି ଆନ୍ଧ୍ର ସରକାର ବଂଶଧାରା ନଦୀ ଉପରେ ଦ୍ୱିତୀୟ ବ୍ୟାରଜ ନିର୍ମାଣ ପାଇଁ ୧୯୮୦ ମସିହାରେ ଗୁଣପୁର ଠାରୁ ମାତ୍ର ୧୦ କିମି ଦୂର ତଳମୁଣ୍ଡରେ ନେରେଡି ଠାରେ ଆଉ ଏକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ସର୍ଭେ କାର୍ଯ୍ୟ ଶେଷ କରି କର୍ମଚାରୀଙ୍କ ପାଇଁ ବାସଗୃହ ମଧ୍ୟ ନିର୍ମାଣ କାମ ସାରିଦେଇଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେଲେ ଗୁଣପୁର ସହର ସମେତ ବ୍ଲକ ଅଂଚଳ ଓ ଗଜପତି ଜିଲ୍ଲାର କାଶିନଗର ବ୍ଲକର ଶତାଧିକ ଗ୍ରାମ ଓ ହଜାର ହଜାର ଏକର ଚାଷ ଜମି ବୁଡିଯିବା ଆଶଙ୍କା ଥିବାରୁ ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ସେତେବେଳେ ବିପ୍ଳବୀ ନେତା ନାଗଭୂଷଣ ପଟ୍ଟନାୟକ ଓ କମ୍ୟୁନିଷ୍ଟ ନେତା ଭୂବନ ମହୋନ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ଓ ଆମରଣ ଅନଶନ ଇତ୍ୟାଦି କରାଯାଇ ଜନକୀ ବଲ୍ଲବ ପଟ୍ଟନାୟକ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ଏହାପରେ ରାଜ୍ୟ ସରକାର କେନ୍ଦ୍ରରେ କଂଗ୍ରେସ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଉକ୍ତ ପ୍ରକଳ୍ପକୁ କିଛି ବର୍ଷ ପାଇଁ ବନ୍ଦ କରିବାରେ ସକ୍ଷମ ହୋଇଥିଲେ । ଅପର ପକ୍ଷରେ ଆନ୍ଧ୍ର ସରକାର ପ୍ରକଳ୍ପ ନିର୍ମାଣ ପାଇଁ ଉଦ୍ୟମ ଜାରି ରଖି ୨୦୦୩ ମସିହାରେ ନେରେଡି ନିକଟରେ କାଟ୍ରାଗାଡାରେ ବଂଶଧାରା ନଦୀ ଉପରେ ୯୫୦ କୋଟି ଟଙ୍କା ବ୍ୟୟରେ ଏକ ରବର ଡ୍ୟାମ ନିର୍ମାଣ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ରାଜ ସେଖର ରେଡି ସରକାର ଶୁଭାରମ୍ଭ କରିଥିଲେ । ଡାହାଣ କେନାଲରେ ପାଣି ନେଇ ଶ୍ରୀକାକୁଲମ ଓ ବିଜୟନଗରମ ଜିଲ୍ଲାର ଚାଷ ଜମି ଗୁଡିକୁ ଜଳସେଚିତ କରିବା ପିଁ ପ୍ରୟାସ କରିଥିଲେ । ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆରମ୍ଭ କରି ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ ଶେଷ କରିଥିଲେ । ତେବେ ଗୁଣପୁର ଓ କାଶୀନଗର ଅଂଚଳରେ ଆନ୍ଧ୍ର କାଟ୍ରାଗାଡା ପ୍ରକଳ୍ପକୁ ତୀବ୍ର ବିରୋଧ ସହ ଆନ୍ଦୋଳନ କରାଯାଇଥିଲା । ଏହାପରେ ନବୀନ ସରକାରଙ୍କ ଚେତାପଶିଥିଲା । ଆନ୍ଧ୍ର ସରକାରଙ୍କୁ ଚକମା ଦେଖାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଂଶଧାରା – ଋଷିକୁଲ୍ୟା ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଯୋଜନା କରାଗଲା । ଏହାଦ୍ୱାରା ଆନ୍ଧ୍ରକୁ ଆବଶ୍ୟକ ଜଳ ନମିଳିଲେ କାଟ୍ରାଗଡା ପ୍ରକଳ୍ପ ଫେଲ ହେବ ବୋଲି ଚିନ୍ତା କରାଯାଇଥିଲା । ନଦୀ ସଂଯୋଗୀକରଣ ଦ୍ୱାରା ଉଭୟ ରାୟଗଡା ଓ ଗଂଜାମ ଜିଲ୍ଲାର ହଜାର ହଜାର ଚାଷ ଜମି ଜଳସେଚିତ ହେବା ଦ୍ୱାରା ଚାଷୀ ଉପକୃତ ହେବେ, ନଦୀର ବନ୍ୟା ନିୟନ୍ତ୍ରଣ ସହ ଲୋକଙ୍କୁ ଆବଶ୍ୟକ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ । ବିଶେଷ କରି ବ୍ରହ୍ମପୁର ସହର ପାଇଁ ଜଳ ସଙ୍କଟ ଦୂର ହୋଇପାରିବ ବୋଲି ପରିକଳ୍ପନା କରାଯାଇଥିଲା । ଗୋଟିଏ ପଟେ ୨୦୦୬ ମସିହା ଜୁନ ମାସରେ ରାୟଗଡା ଜିଲ୍ଲା ଗୁଡାରୀରେ ବଂଶଧାରା-ଋଷିକୁଲ୍ୟା ଡିଭିଜନ ନାମରେ ଏକ ସର୍ଭେ ଅଫିସ ତତ୍କାଳୀନ ଜଳସଂପଦ ରାଷ୍ଟ୍ରମନ୍ତ୍ରୀ ରବି ନାରାୟଣ ନନ୍ଦ ଉଦଘାଟନ କରିଥିବା ବେଳେ ସେହି ବର୍ଷ ରାଜ୍ୟ ସରକାର କାଟ୍ରାଗାଡା ପ୍ରକଳ୍ପ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇ ବଂଶଧାରା ଟ୍ରିବୁନାଲ ଗଠନ କରିବାକୁ ନିବେଦନ କରିଥିଲେ । ସୁପ୍ରିମକୋର୍ଟ ନିର୍ଦ୍ଦେଶକ୍ରମେ ୨୦୧୦ ମସିହାରେ ବଂଶଧାରା ଟ୍ରିବୁନାଲ ଗଠନ କରାଯାଇ ପୁନଃ ସର୍ଭେ ପାଇଁ କେନ୍ଦ୍ରୀୟ ଜଳ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୧୦ ମେ ୨୨ ତାରିଖରେ ବଂଶଧାରା-ଋଷିକୁଲ୍ୟା-ନାଗାବଳୀ ଡିଭିଜନର ଇଂଜିନିୟରିଂ ଇନ୍ ଚିଫ ଆର ଏନ ସ୍ୱାଇଁ ଓ ଜଳ ସଂପଦ ବିଭାଗର ସଚିବ ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଇଂଜିନିୟର ଦଳ ପ୍ରକଳ୍ପ ସ୍ଥଳ (ଆନ୍ଧ୍ର-ଓଡିଶା ପଟ)କୁ ଯାଇ ସର୍ଭେ କରି ଫେରି ଯାଇଥିଲେ । ହେଲେ ପରବର୍ତୀ ସମୟରେ ନବୀନ ସରକାରଙ୍କ ବଂଶଧାରା-ଋଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ପାଣିଡଂଗର ପ୍ରକଳ୍ପ ଭଳି ଫୁ ହୋଇ ପବନରେ ମିଳେଇଗଲା । ବେଳ ଥାଉଣୁ ପ୍ରକଳ୍ପ ନକରିବା ଦ୍ୱାରା ପଡୋଶୀ ରାଜ୍ୟ ଓଡିଶାର ନଦୀ ଜଳକୁ ଅପହରଣ ପାଇଁ ଉଦ୍ୟମ କରିଛନ୍ତି । ହେଲେ ରାଜ୍ୟ ସରକାର ସବୁ ଶେଷ ହେବା ବେଳକୁ ଲୋକ ଦେଖାଣିଆ ବିରୋଧ କରୁଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପକୁ ନିର୍ମାଣ କରିବା ଭୁଲିଯାଉଛି।

# ସ୍କୁଲରେ ପାଠ ପଢାଇଲେ ଜିଲ୍ଲାପାଳ



**ସୋନପୁର:** ସୁବର୍ଣ୍ଣପୁର ଜିଲ୍ଲା ପାଳ ମନିଷା ବାନାର୍ଜୀ ଅଚାନକ ସଦର ଜିଲ୍ଲା ସଦର ସାଗର ପାଲି ଗଙ୍ଗାଧର ମେହେରଙ୍କ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ ରେ ଯାଇ ପହଞ୍ଚିବା ପରେ ସିଧାସଳଖ ଶ୍ରେଣି ଗୃହରେ ପ୍ରବେଶ କରି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ପରେ ଗଣିତ ଓ ବିଜ୍ଞାନ ବିଷୟ ପଢାଇଥିଲେ। ଜିଲ୍ଲା ପାଳ ସହ ଯାଇଥିବା ଅତିରିକ୍ତ ଜିଲ୍ଲାପାଳ ଶରତ ପଣ୍ଡା ମଧ୍ୟ ଛାତ୍ରଛାତ୍ରୀଙ୍କୁ ଇତିହାସ ପଢାଇଥିଲେ। ପରେ ବିଦ୍ୟାଳୟ ପରିସରରେ ୫ଲକ୍ଷ ବ୍ୟୟରେ ନିର୍ମାଣ ଚାଲିଥିବା ଶ୍ରେଣି ଗୃହର କାର୍ଯ୍ୟର ଅଗ୍ରଗତି ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଠିକ ସମୟ ଭିତରେ ତାହ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବାସହ ବିଦ୍ୟାଳୟ ପରିସର ରେ ଚାରା ରୋପଣ କରି ସୁନାଗରିକ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏହି ଅବସରରେ ବନଖଣ୍ଡ ଅଧିକାରୀ ସୁଶାନ୍ତ ସାମନ୍ତରାୟ ଓ ବିଡିଓ ରବିନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ଓ ଲଘୁଚାପ ଦୁର୍ବଳ, ଚାଷୀ ହତାଶ

**ସୋନପୁର:** ସୁବର୍ଣ୍ଣପୁର ଜଲ୍ଲା ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିାତ ଯୋଗୁଁ ଚାଷ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ନିକଟରେ ହୋବାକୁଥିବା ଲଘୁଚାପ ବର୍ଷା ବି ଦେଇଛି ଧୋକା। ଜମିରେ ଆବଶ୍ୟକ ପାଣି ନଥିବାରୁ ରୁଆ ବେଉଷଣ ହୋଇପାରୁନାହିଁ। ତଳି ରୁଆ ସମୟ ଅତିକ୍ରାନ୍ତ ହୋଇ ପଡିଥିବା ବେଳେ ଚାଷୀ ହତାଶ ହୋଇ ପଡିଛନ୍ତି। ଚଳିତ ବର୍ଷ ମୌସୁମୀ ବିଳମ୍ବରେ ଆସିଥିବା ବେଳେ ଚାଷୀ ଧାନବୁଣା କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଶ୍ରାବଣ ମାସର ପନ୍ଦର ଦିନ ଅତିବାହିତ ହୋଇଥିଲେ ମଧ୍ୟ ବର୍ଷାର ଦେଖା ନାହିଁ। ଦୁର୍ବଳ ମୌସୁମୀ ଯୋଗୁଁ ଆବଶ୍ୟକ ବର୍ଷା ହେଉନାହିଁ। ଲଘୁଚାପ ଜନିତ ଯେତିକି ବର୍ଷା ହେଉଛି ତାହା ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନୁହେଁ। ସେଶରେ ଲଘୁଚାପ ବିଧୋକା ଦେଇଛି। କେବଳ ମେଘ ଉଠୁଛି ଓ କୁଣ୍ଡା ଭୁରି ପଡୁଥିବା ବେଳେ ବର୍ଷାର ଦେଖା ନାହିଁ। ଅନ୍ୟପକ୍ଷରେ ଜୁଲାଇ ମାସ ସରି ଯାଇଥିଲେ ମଧ୍ୟ ତଳି ରୁଆ କାର୍ଯ୍ୟ ଏ ପର୍ଯ୍ୟନ୍ତ ହୋଇ ପାରିନଥିବାରୁ ତଳି ସବୁ ହଳଦିଆ ପଡିଗଲାଣି। ସେହିପରି ବୁଣାଧାନ ବେଉଷଣ ଅଭାବରୁ କ୍ଷେତରେ ଘାସ ମାଡିଗଲାଣି। ଖାଲୁଆ ଜମିରେ କେତେକ ଜାଗାରେ ରୁଆ ବେଉଷଣ କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ମୌସୁମୀ ବର୍ଷା ସମାନୁ ।ତିକ ଭାବେ ହେଉ ନଥିବାରୁ ଏହା ମଧ୍ୟ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କେଉଁଠି ବର୍ଷା ହେଉଛି ତ ଆଉ କେଉଁଠି ବର୍ଷା ଦେଖିବାକୁ ମିଳୁନାହିଁ। ଜିଲ୍ଲାର ଉଲୁଣ୍ଡା ,ତରଭା,ଲଛିପୁର ଆଦି ଅଞ୍ଚଳରେ ଥିବା ଜମିରେ ତଳିରୁଆ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଆବଶ୍ୟକ ବର୍ଷା ହୋଇନଥିବା ଅଭିଯୋଗ ହୋଇଛି ।ଜିଲ୍ଲାର ଅଧିକାଂଶ ପଞ୍ଚାୟତରେ ଆବଶ୍ୟକ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଏବେ ବି ବହୁ ଚାଷୀ ଧାନ ବୁଣୁଥିବା ଦେଖିବାକୁ ମିଳୁଛି। ଦିନେ ଦୁଇଦିନ ମଧ୍ୟରେ ଆବଶ୍ୟକ ପରିମାଣର ବର୍ଷା ନହେଲେ ଅବସ୍ଥା ଅସମ୍ଭାଳ ହୋଇ ପଡିବ ବୋଲି ବହୁ ଚାଷୀ ମତ ବ୍ୟକ୍ତ କରିଛନ୍ତି। ସରକାର ଏନେଇ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଇଁ ପ୍ରସ୍ତୁତି

**ବାରିପଦା:** ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଜିଲ୍ଲାସ୍ତରୀୟ ୭୩ ତମ ସ୍ୱାଧିନତା ଦିବସ-୨୦୧୯ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ମହାସମାରୋହରେ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲେସନ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଳ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ବାରିପଦା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭିନ୍ନ ସରକାରୀ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସ୍ୱାଧିନତା ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଭୋଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ସ୍ୱାଧିନତା ଦିବସକୁ ଜିଲ୍ଲାସ୍ତରରେ ସରସ ସୁନ୍ଦର ତଥା ସମ୍ମାନର ସହ ପାଳନ କରିବା ଦିଗରେ ସମସ୍ତ ସରାକରୀ ପଦାଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପ୍ରତିଷ୍ଠାନର କର୍ମକତା ଓ ସର୍ବୋପରି ଜିଲ୍ଲା ପ୍ରଶାସନ ତରଫରୁ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଉପରେ ସବିଶେଷ ଆଲୋଚନା କରାଯାଇ ସ୍ୱାଧିନତା ଦିବସ ପାଳନ ପ୍ରତ୍ୟୁଷରେ ରାମଧୂନ, ବିଭିନ ଶିକ୍ଷାନୁଷ୍ଟନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସକାଳ ଘ.୭.୩୦ମି. ସମୟରେ ପ୍ରଭାତଫେରୀ ହେବା ପରେ ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ଘ.୯.୧୫ମି. ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ଅଭିବାଦନ ଗ୍ରହଣ , ପ୍ୟାରେଡ୍ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଅଛି।

# ସରକାରୀ ଜମିରେ 'ବିଜୁ ପକ୍କା ଘର'

**ଖୋରଧା :** ଖୋରଧା ପଞ୍ଚାୟତ ସମିତି ଅଧିନସ୍ଥ ଟାଙ୍ଗିଆପଡ଼ା ଗ୍ରାମପଞ୍ଚାୟତର ପାଇକତିଗିରିଆ ଗ୍ରାମର ସରସ୍ୱତୀ ସାହୁ, ସ୍ୱାମୀ ପ୍ରଦୀପ କୁମାର ସାହୁ ନିଜ ବାପଘର ପାଇକତିଗିରିଆରେ ରହି ରାଜ୍ୟ ସରକାରଙ୍କ ନିକଟରୁ ଏକ ବିଜୁ ପକ୍କା ଘର ପାଇବାରେ ସକ୍ଷମ ହୋଇଛନ୍ତି। ଯାହାକି ସରକାରୀ ଜାଗାରେ ସେ ଘର ନିର୍ମାଣ କରିବା ସହିତ ସରକାରୀ ରାସ୍ତାରେ ପଥର ପାଚେରୀ ନିର୍ମାଣ କରୁଛନ୍ତି। ସରକାରୀ ଜାଗାରେ ବିଜୁ ପକ୍କାଘର ନିର୍ମାଣ କରିବା ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାମା ନଥିବା ବେଳେ କିପିରି ଜଣେ ବିବାହିତ ମହିଳାଙ୍କୁ ନିଜ ବାପ ଘରେ ବିଜୁ ପକ୍କା ଘର କରିବା ପାଇବା ନିମନ୍ତେ ସୁପାରିଶ କରାଯାଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଟାଙ୍ଗୀଆପଡ଼ା ସରପଞ୍ଚଙ୍କ ଜ୍ଞାତସାରରେ ସରସ୍ୱତୀ ସାହୁଙ୍କୁ ବିଜୁ ପକ୍କାଘର ପ୍ରଦାନ କରାଯାଇଛି। ସେ ପ୍ରକୃତରେ ଜଣେ ଯୋଗ୍ୟ ହିତାଧିକାରୀ ନୁହଁନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀମାନେ ଏକତ୍ରିତ ହୋଇ ସରକାରୀ ଜାଗାରେ ବିଜୁ ପକ୍କା ଘର ନିର୍ମାଣ ଏବଂ ସରକାରୀ ରାସ୍ତା ଅବରୋଧ କରିବା ନେଇ ଖୋରଧା ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଠିକ୍ ସେହିପରି ଭାବରେ ଟାଙ୍ଗୀଆପଡ଼ା ଗ୍ରାମପଞ୍ଚାୟତରେ ବିଭିନ୍ନ ଗ୍ରାମରେ ସରକାରୀ ଜମିରେ ଇନ୍ଦିରାଆବାସ ବିଜୁ ପକ୍କାଘର, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ



ପାଇଖାନା ନିର୍ମାଣ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଟାଙ୍ଗୀଆପଡ଼ା ଗ୍ରାମପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତିକୁ ଲୁଚାଇବା ପାଇଁ ନିକଟରେ ଟାଙ୍ଗୀଆପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଏକ ଭୋଜିଭାତ ଆୟୋଜନ କରିଥିବା ଜଣାପଡ଼ିଛି। ଏଥିରେ ଜଣେ ଗଣମାଧ୍ୟମର ପ୍ରତିନିଧି ଯେ କି ନିଜକୁ ଜିଲ୍ଲାପାଳଙ୍କ ସହ ତୁଳନା କରନ୍ତି ଏବଂ ନବେ ଦଶକରେ ଅପରାଧିକ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଏକ ଗଣମାଧ୍ୟମରେ କାର୍ଯ୍ୟ କରି ନିଜକୁ ମହାମାନବ ବୋଲି ପରିଚୟ ଦେଉଥିବା ସେହି ପ୍ରତିନିଧି ଜଣକ ଏହି ଭୋଜିଭାତର ଆୟୋଜନର ମୁଖ୍ୟ ନାୟକ ବୋଲି ସାଧାରଣରେ ଆଲୋଚନା ହୋଇଛି। ଏଣୁ ରାଜ୍ୟ ଦୁର୍ନୀତି ନିବାରଣ ପକ୍ଷରୁ ଟାଙ୍ଗୀଆପଡ଼ା ଗ୍ରାମପଞ୍ଚାରେ ହୋଇଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ବିଧିବଦ୍ଧ ଭାବରେ ତଦନ୍ତ କଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ଶ୍ରୀକ୍ଷେତ୍ରର ବିକାଶ ପାଇଁ ୨୬୫ କୋଟିର ପ୍ରକଳ୍ପ



**ଭୁବନେଶ୍ୱର:** ଶ୍ରୀକ୍ଷେତ୍ର ପୁରୀ ସହରର ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ଏଥିରେ ୨୬୫ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ, ପୁରୀ ସହରରେ ଉନ୍ନତମାନର ସେବା ଓ ସୁବିଧା ଯୋଗାଇଦେବା ପାଇଁ ଅଭଡ଼ା ଯୋଜନାରେ ୫ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ଆରମ୍ଭ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ରଧାମକୁ ସାରା ବିଶ୍ୱର ବିଭିନ୍ନ ଅଞ୍ଚଳରୁ ଲକ୍ଷଲକ୍ଷ ଭକ୍ତ ଆସୁଛନ୍ତି। ସେମାନଙ୍କ ସୁବିଧା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁରୀର ପୁରୁଣା ଜେଲ୍ ପରିସର, ଯାତ୍ରୀକା ଏବଂ ମ୍ୟୁନିସପାଲଟି ମାର୍କେଟର ବିକାଶ କରାଯାଇ ସେଠାରେ ୧୨୫୦ଟି ଦୋକାନ ଘର ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରୀର ପୁରୁଣା ଜେଲ୍ ପରିସରରେ ବହୁତଳ ବିଶିଷ୍ଟ ପାର୍କିଂ ବ୍ୟବସ୍ଥାର ବିକାଶ କରାଯିବ। ଏଠାରେ ୪୦୦ କାର୍ ପାଇଁ ପାର୍କିଂ ସୁବିଧା ରହିବ। ସେହିପରି ଯାତ୍ରୀକାରେ ମଧ୍ୟ ବହୁତଳ କାର୍ ପାର୍କିଂ ବ୍ୟବସ୍ଥା କରାଯିବ। ସେଠାରେ ମଧ୍ୟ ୪୦୦ କାର୍ ପାର୍କିଂ କରାଯିବ। ଏହିଦ୍ୱାରା ପୁରୀକୁ ଆସୁଥିବା ଯାତ୍ରୀମାନଙ୍କର ଗାଡ଼ି ପାର୍କିଂ ସମସ୍ୟା ଦୂର କରାଯାଇପାରିବ। ସେହିପରି ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ପୁରୀରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳେ ରଖାଯିବ। ଗୋଟିଏ ସ୍ଥାନରେ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିବା ଦ୍ୱାରା ଏହା ସାଧାରଣ ଲୋକମାନଙ୍କ ପାଇଁ ସୁବିଧାଜନକ ହେବ। ସମସ୍ତ କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ ରହିବା ଫଳରେ ସ୍ଥାନାନ୍ତରିତ ହୋଇଥିବା କାର୍ଯ୍ୟାଳୟ ପରିସରଗୁଡ଼ିକୁ ପାର୍କ ଆଦି ବିଭିନ୍ନ ନାଗରିକ ସୁବିଧା କେନ୍ଦ୍ର ଭାବରେ ବ୍ୟବହାର କରାଯାଇପାରିବ। ପୁରୀର ମ୍ୟୁନିସ୍‌ପାଲଟି ମାର୍କେଟର ପୁନରୁଦ୍ଧାର କରାଯାଇ ଏହାକୁ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସରେ ପରିଣତ କରାଯିବ। ଆଚାର୍ଯ୍ୟ ହରିହର ଛକର ରାସ୍ତା ସମ୍ପ୍ରସାରଣ କରାଯାଇ ସେଠାରେ ବିଭିନ୍ନ ନାଗରିକ ସୁବିଧା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଜରିଆରେ କାର୍ଯ୍ୟକାରୀ ହେବ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ, ଅର୍ଥ ବିଭାଗର ପ୍ରମୁଖ ସଚିବ, ପୂର୍ତ୍ତ ସଚିବ ଓ ପୁରୀର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକାୟୁକ୍ତ ସଦସ୍ୟ ଭାବେ ଆର୍‌ପି ଶର୍ମାଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର:** ଲୋକାୟୁକ୍ତ ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପୂର୍ବତନ ପୁଲିସ ଡିଜି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା। ସେ ପୁଲିସ ଡିଜି ପଦବୀ ହସ୍ତାନ୍ତର କରିବା ପରେ ଭୁବନେଶ୍ୱର ସତ୍ୟନଗରସ୍ଥିତ ଲୋକାୟୁକ୍ତ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱଗ୍ରହଣ ପରେ ଗଣମାଧ୍ୟମକୁ କହିଥିଲେ, ସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ବିଶେଷ କୃତଜ୍ଞ। ଏହି ଦାୟିତ୍ୱକୁ ସେ ସୁଚାରରୂପ ତୁଲାଇବାକୁ ଚେଷ୍ଟା କରିବେ। ପୁଲିସ ଡିଜିର ଅଭିଜ୍ଞତା ତାଙ୍କୁ କାର୍ଯ୍ୟ କରିବାରେ ବେଶ ସହାୟକ ହେବ ବୋଲି ସେ କହିଥିଲେ। ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ଶର୍ମା ଭାରତୀୟ ପୁଲିସ ସେବାରେ କାର୍ଯ୍ୟ କରି ବେଶ ସଫଳତା ହାସଲ କରିଥିଲେ। ଶ୍ରୀ ଶର୍ମା ୧୯୬୦ ମେ' ୧୫ ତାରିଖରେ ରାଜସ୍ଥାନର ଆଜମେରୀଠାରେ ଜନ୍ମଗ୍ରହଣ କରିଥିଲେ। ୧୯୮୬ ଡିସେମ୍ବର ୧୫ ତାରିଖରେ ଆଇପିଏସ୍ ପାଇବା ପରେ ପ୍ରଥମେ ବାଲେଶ୍ୱର ଏସ୍‌ପି ଭାବେ ଅବସ୍ଥାପିତ ହୋଇଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୦୪ ସେପ୍ଟେମ୍ବର ୬ରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ। ଏହି ଦୀର୍ଘ ୯ବର୍ଷ ମଧ୍ୟରେ ସେ କେନ୍ଦ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲା ବେଳେ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ ଆଇଜି (ମୁଖ୍ୟାଳୟ) ଭାବେ ମଧ୍ୟ କାମ କରିଥିଲେ। ୨୦୧୩ରେ ସେ କେନ୍ଦ୍ରୀୟ ଡେପୁଟେସନରୁ ଫେରି ପୁଲିସ କମିଶନର ଭାବେ ଅବସ୍ଥାପିତ ହୋଇଥିଲେ। ୨୦୧୭ରେ ସେ ପୁଲିସ ଡିଜି ଭାବେ କାର୍ଯ୍ୟ କରିଥିଲେ। ତେବେ ପୁଲିସ କମିଶନର ଓ ଡିଜିପି ଭାବେ ଦକ୍ଷତାର ସହିତ କାମ କରିବା ପରେ ତାଙ୍କୁ ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଲୋକାୟୁକ୍ତ ସଦସ୍ୟ ମନୋନୀତ ହେବା ପରେ ସେ ପୁଲିସ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ।

# ପୁଲିସକୁ ଦାୟିତ୍ୱବାନ କରାଯିବ: ଡିଜିପି



**କଟକ:** ବିଜୟ କୁମାର ଶର୍ମା ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶ୍ରୀ ଶର୍ମାଙ୍କୁ 'ଗାର୍ଡ଼ ଅଫ ଅନର' ପ୍ରଦାନ କରାଯିବା ସହ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ ଜଣାଇଥିଲେ। ଦାୟତ୍ୱ ଗ୍ରହଣ କରିବା ପରେ ଶ୍ରୀ ଶର୍ମା ଗଣମାଧ୍ୟମକୁ କହିଥିଲେ ଯେ, ସରକାର ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି, ତାହାକୁ ନିଷ୍ଠାର ସହ ସମ୍ପାଦନ କରିବେ। ପୁଲିସକୁ ଲୋକାଭିମୁଖୀ, ଦାୟିତ୍ୱବାନ, ସମ୍ବେଦନଶୀଳ ଓ ମାନବୀୟ କରିବାକୁ ଚେଷ୍ଟା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ରକୁ ପୁଲିସ ବିଭାଗରେ ପ୍ରୟୋଗ କରି କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ନକ୍ସଲ ଦମନ ପାଇଁ ଓଡ଼ିଶା ପୁଲିସ ଅତୀତରେ ଅନେକ ସଫଳତା ହାସଲ କରିଛି। ଭବିଷ୍ୟତରେ ଉକ୍ତ କାର୍ଯ୍ୟକ୍ରମକୁ ଜୋରଦାର କରାଯିବା ସହ ଓଡ଼ିଶାରେ ନକ୍ସଲର ପ୍ରଭାବ ଓ କାର୍ଯ୍ୟକ୍ରମକୁ ସୀମିତ କରାଯିବ। ମାଓବାଦୀ ସମସ୍ୟା ହ୍ରାସ ପାଇଲେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ। ପୁଲିସ ଷ୍ଟେସନ ଗୁଡ଼ିକର ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱ ସହ ସ୍ୱଚ୍ଛତା ଉପରେ ଆଗ୍ରାଧିକାର ଦିଆଯିବ। ଥାନା ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଥାନାମାନଙ୍କରେ ବୈଷୟିକ ଜ୍ଞାନ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯିବ। ଅପରାଧ, ଅନୁସନ୍ଧାନ, ଅପରାଧ ନିରାକରଣ ଓ କୋର୍ଟରେ ମାମଲା ପରିଚାଳନା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯିବ ବୋଲି ଡିଜିପି ଶ୍ରୀ ଶର୍ମା କହିଥିଲେ।

## ବିଳମ୍ବରେ ସରକାରଙ୍କ ଚେତା ପଶିଲା

# କେବେ ଚିହ୍ନଟ ହେବେ ଅସଲ ହିତାଧିକାରୀ: ବିଜେପି



**ଭୁବନେଶ୍ୱର :** ୨୦୧୯ ନିର୍ବାଚନରେ ଜନମତକୁ ପ୍ରଭାବିତ କରିବା ପାଇଁ , ନିଜ ଦଳ ସପକ୍ଷରେ ଭୋଟ ହାତେଇବା ପାଇଁ ବିଜୁ ଜନତା ଦଳ ସରକାର କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ବିଜୁ ପକ୍କାଘର, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ସାମିଲ କରିଥିଲେ। ଏ ବିଷୟରେ ଭାରତୀୟ ଜନତା ପାର୍ଟି ଅନେକ ଥର ଏ ପ୍ରସଙ୍ଗକୁ ଉଠାଇ ଆସିଛି। ଏବେ ରାଜ୍ୟ ସରକାର କାଳିଆ ଯୋଜନାରୁ ଅଯୋଗ୍ୟ ହିତାଧିକାରୀ ବାଦ ଦେବା ପାଇଁ ପଦକ୍ଷେପ ନେଉଛନ୍ତି। ତେବେ ସ୍ୱଚ୍ଛତା କେବଳ ଏହି କାଳିଆ ଯୋଜନା ପାଇଁ ଲାଗୁ ହେବ ନା ଅନ୍ୟ ଯୋଜନାମାନଙ୍କରୁ ବି ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ବାଦ ଦେବେ ବୋଲି ପ୍ରଶ୍ନ କରିଛନ୍ତି ବିଜେପି ଉପ ସଭାପତି ସମୀର ମହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ କାଳିଆ ଯୋଜନାରେ ଚାଷୀମାନଙ୍କୁ ବାର୍ଷିକ ୧୦ହଜାର ଟଙ୍କା ଅର୍ଥ ବ୍ୟବସ୍ଥା କରି ଭୋଟ କିଣିବାର ଯୋଜନା ରଖିଥିଲେ ନବୀନ ପଟନାୟକ। ଏଥିରେ ଚାଷୀ ଓ ଅଣଚାଷୀ, ଦଳୀୟ କର୍ମୀମାନଙ୍କୁ ସାମିଲ କରିଥିଲେ ସରକାର । ଏବେ କାଳିଆ ତାଲିକା ଭିତରେ ବହୁ ଅଯୋଗ୍ୟ ହିତାଧିକାରୀ ପଶିଯାଇଛନ୍ତି ବୋଲି ଯୋଜନା ଆରମ୍ଭର ୮ ମାସ ପରେ ଚିନ୍ତା ପଶିଛି ସରକାରଙ୍କର। ଶ୍ରୀ ମହାନ୍ତି କହିଛନ୍ତି ଯେ, ଅନ୍ୟ ଯୋଜନାଗୁଡ଼ିକରେ ମଧ୍ୟ ବହୁ ଅଯୋଗ୍ୟ ଲୋକ ଫାଇଦା ନେଇଛନ୍ତି। ବିଜୁ ପକ୍କାଘର ଯୋଜନାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ କେବଳ ରାଜନୈତିକ ବିଚାରରେ ଦିଆଯାଇଛି। ଏହି କାରଣରୁ ବିଜୁ ପକ୍କାଘର ସମ୍ପର୍କରେ ଅତ୍ୟନ୍ତ ମିଥ୍ୟା ତଥ୍ୟ ନିଜେ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏବେ ମୁଖା ଖୋଲିଯିବା ପରେ ପିଏମ୍ ଆବାସ ଯୋଜନା ପାଇଁ ଅର୍ଥ ମାଗୁଛନ୍ତି ସରକାର। ତେବେ କାଳିଆରେ ଯେଉଳି ଡାଟା ବ୍ୟବହାରର ସୂଚନା ଦେଇଛନ୍ତି ସରକାର, ସେଭଳି ଡାଟା ବ୍ୟବହାର କରି ବିଜୁ ପକ୍କାଘର ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଟଙ୍କା ଫେରାଇ ଆଣିବା ପାଇଁ ନିଷ୍ପତି ନେବେ କି ସରକାର? ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଅନ୍ତର୍ଭୁକ୍ତ ହେବେ ବୋଲି ସରକାର ଘୋଷଣା କରିଥିଲେ। ଯୋଜନା ଅନୁସାରେ ପ୍ରତିବର୍ଷ ପରିବାର ୫ ଲକ୍ଷ ସ୍ୱାସ୍ଥ୍ୟ କଭରେଜ୍ ପାଇବେ। ରାଜ୍ୟରେ କେଉଁ ୭୦ ଲକ୍ଷ ପରିବାରକୁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଦେଲେ, ତାହା ସାର୍ବଜନୀନ ହେବା ନିହାତି ଜରୁରୀ। ମୋଦୀ ସରକାର ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ କଲେ। ଏହାକୁ କିନ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଦୁହିରେ ନବୀନ ସରକାର ଓଡିଶାରେ ଲାଗୁ କରାଇ ଦେଲେ ନାହିଁ। ତେବେ ଯେଉଁ ୭୦ ଲକ୍ଷ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି ଏବଂ ଯେଉଁମାନଙ୍କ ସକାଶେ ବର୍ଷକୁ ୨୫୦କୋଟି ଟଙ୍କା ଅର୍ଥ ବ୍ୟବସ୍ଥା କରାଯାଇଛି, ସେମାନଙ୍କର ତାଲିକା ସରକାର ପ୍ରକାଶ କରିବେ କି? ଯଦି ଏମାନଙ୍କ ଭିତରୁ କେହି ଅଯୋଗ୍ୟ ହିତାଧିକାରୀ ଥାଆନ୍ତି, ସେମାନଙ୍କ ଠାରୁ ଟଙ୍କା ଆଦାୟ କରିବ କିଏ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଅନ୍ୟ ଏକ ଯୋଜନା ହେଲା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା। ଜାତୀୟ ଖାଦ୍ୟ ନିରାପତା ଯୋଜନା ଥିବା ସତ୍ତ୍ୱେ ୨୦୧୯ ନିର୍ବାଚନକୁ ଆଖିରେ ରଖି ନବୀନ ସରକାର ଅଚାନକ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ। ପ୍ରଥମେ ୨୫ ଲକ୍ଷ ଗରିବ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲା। ପରେ ଏହାକୁ ୪୦ ଲକ୍ଷକୁ ବଢାଇ ଦିଆଗଲା। କିନ୍ତୁ ଏପର୍ଯ୍ୟନ୍ତ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁମାନଙ୍କୁ ନବୀନ ସରକାର ଟଙ୍କିକିଆ ଚାଉଳ ଯୋଗାଇ ଦେଉଛନ୍ତି ବୋଲି ଦାବି କରୁଛନ୍ତି, ସେମାନଙ୍କର ତାଲିକା ନାହିଁ। ନିଜସ୍ୱ ଯୋଜନା ପାଇଁ ନିଜସ୍ୱ ପଡିକାର୍ଡ ବ୍ୟବସ୍ଥା କରିନାହାଁନ୍ତି ସରକାର। ଗତ ଫୋନି ବେଳେ ଧରା ପଡିଗଲା ଯେ, ବହୁ ଲୋକଙ୍କ ପାଖରେ ରାସନ କାର୍ଡ ନାହିଁ। ତେବେ ପ୍ରାୟ ବର୍ଷେ ହେଲା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କେଉଁ ୪୦ ଲକ୍ଷ ଲୋକଙ୍କୁ ନବୀନ ସରକାର ଟଙ୍କିକିଆ ଚାଉଳ ଯୋଗାଇ ଆସୁଛନ୍ତି? ସେମାନଙ୍କର ତାଲିକା ପ୍ରକାଶ ପାଇଲେ ଅଯୋଗ୍ୟ ହିତାଧିକାରୀ ବାହାରି ଆସିବେ। ଜାତୀୟ ଖାଦ୍ୟ ନିରାପତା ଆଇନ ଅନ୍ତର୍ଭୁକ୍ତ ପରିବାର ବାହାରେ ନବୀନ ସରକାର ଆଉ କେଉଁ ପରିବାରକୁ ଟଙ୍କିକିଆ ଚାଉଳ ଦେଉଛନ୍ତି, ଏଥିରେ ଥିଲାବାଲା ଅଛନ୍ତି କି ନାହିଁ, ତାହା ତାଲିକା ପ୍ରକାଶ ପାଇବା ପରେ ହିଁ ଜଣାପଡିବ। ତେବେ ଏ କ୍ଷେତ୍ରରେ ସ୍ୱଚ୍ଛତା ଅନୁସରଣ କରିବାକୁ ନବୀନ ସରକାର ସାହସ ଦେଖାଇବେ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି।

ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal
ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।



Aditi Greens
Going green is our only choice...
CONTACT
Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.
Cell-7735652665, 7008807228.

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି